ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

### ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ

ସିଂହପୁର,୧୮।୧୦(ଅନଙ୍ଗ ଉଦୟ ବେଉରିଆ):

ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କନଜ୍ୟୁମର ଆସୋସିଏଶନ ଆଞ୍ଚଳିକ କମିଟିର ଜରି–ଛଦାମୁଣ୍ଡ କମିଟି ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ବାଲମୁକୁଳୀ ଇଲେକ୍ଟ୍ରିକାଲ ଏସ୍‌ଡିଓ ଅଫିସ୍ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ କରାଯାଇଛି। ଘନଘନ ବିଜୁଳି କାଟ ବନ୍ଦ କରିବା, ପ୍ରସ୍ତାବିତ ପ୍ରିପେଡ ମିଟର ସମ୍ପୂର୍ଣ୍ଣ ବାତିଲ, ମିଟରଗୁଡ଼ିକୁ ସଂଶୋଧନ କରାଯାଇ ଆଦାୟ ହୋଇଥିବା ବର୍ଦ୍ଧିତ ବିଲ ଉପଭୋକ୍ତାଙ୍କୁ ତୁରନ୍ତ ଫେରସ୍ତ କରିବା, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୦କୁ ବାତିଲ କରି ସମସ୍ତ ଉପଭୋକ୍ତାଙ୍କୁ ସର୍ବନିମ୍ନ ୨୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇଦେବା ଆଦି ଦାବିରେ ଏହି ବିକ୍ଷୋଭ କରାଯାଇଛି। ପରେ ଏକ ସଭା କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ଘରୋଇକରଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଛି। ବିକ୍ଷୋଭକୁ ସଫଳ କରିବାରେ କାମଦେବ ମଲ୍ଲିକ, ଶ୍ରୀଧର ମଲ୍ଲିକ, ଭାସ୍କର ଦାସ, ଦଶରଥ ମଲ୍ଲିକ,ଅଚ୍ୟୁତ ସେଠୀ, ତ୍ରିଲୋଚନ ମଲ୍ଲିକ, ହରେକୃଷ୍ଣ ଯେନା, ହୃଦାନନ୍ଦ ମଲ୍ଲିକ, ଜୟରାମ ମଲ୍ଲିକ ଓ କାଳନ୍ଦୀ ମଲ୍ଲିକ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

### ନରସିଂହ ଚୌଧୁରୀ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ଯାଜପୁର ଟାଉନ,୧୮।୧୦
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ରନେତା ଓ ଛାତ୍ରୀଛାତ୍ରଙ୍କ ଏକ ବୈଠକ କଲେଜର କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ପୁରାତନ ଛାତ୍ର ଯୋଗଦେଇ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, ନାକ୍ ମାନ୍ୟତା ପ୍ରଦାନ, ପ୍ଲାଟିନମ୍ ଜୁବଲି ପାଳନ, ଖାଲିଥିବା ଅଧ୍ୟାପକ ଓ ଷ୍ଟାଫ୍ ନିଯୁକ୍ତି, ନିୟମିତ ପ୍ରଫେସର ଓ ରିଡର ନିଯୁକ୍ତି, ଆଉଟ୍‌ସୋର୍ସିଂ ଅଧ୍ୟାପକ ନିଯୁକ୍ତି, ସ୍ନାତକୋତ୍ତର ସମସ୍ତ ବିଷୟଗୁଡ଼ିକର ପାଠପଢ଼ା ଓ ଅଧ୍ୟାପନା ସମ୍ବନ୍ଧରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଏବଂ ବୁଦ୍ଧିଜୀବୀଙ୍କୁ ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ନଭେମ୍ବର ୪ ହେବାକୁ ଥିବା ବୈଠକରେ ଅଧିକରୁ ଅଧିକ ପୂର୍ବତନ ଛାତ୍ରୀଛାତ୍ର, ଛାତ୍ର ସଂସଦ କର୍ମକର୍ତ୍ତା ଯୋଗ ଦେବାପାଇଁ ପ୍ରତ୍ୟେକ ବ୍ୟକ୍ତି ଅନ୍ୟୁନ ୧୦ ଜଣଙ୍କୁ ଏ ବିଷୟରେ ଖବର ଜଣାଇବା ପାଇଁ ନିଷ୍ପତ୍ତି ହୋଇଥିଲା।

ବୈଠକରେ ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ପୂର୍ବତନ ଛାତ୍ର ସଂସଦ ସଭାପତି ବଳଭଦ୍ର ଦାସ, ବିଭୂତି ମହାପାତ୍ର, ହୃଷୀକେଶ ପତି, ବିଭୂତି ଭୂଷଣ ରାଉତରାୟ, ପୂର୍ବତନ ଛାତ୍ର ସଂସଦ ସଭାପତି ଅମର ରାଉତ, ଅକ୍ଷୟ ରାଉତ, ପ୍ରଶାନ୍ତ କୁମାର ସାହୁ, ବନିତା ଦାସ, ମନୋଜ ବିଶ୍ୱାଳ, ଅଲେଖ ନାଥ, ଉତ୍କଳ ପାଣିଗ୍ରାହୀ, ସନ୍ତୋଷ ବେହେରା, ସୁବାସ ବୋଇତାଇ, ଶରଦେନ୍ଦୁ ପତି, ରବୀନ୍ଦ୍ର ସାହୁ, ସରୋଜ ସାମଲ, ନିର୍ମାଲ୍ୟ ନାୟକ, ବିଶ୍ୱନାଥ ସାହୁ, ବିଶ୍ୱଜିତ ଓଝା, ସରୋଜ ନାୟକ, ବସନ୍ତ କୁମାର ଦାସ, ଦେବାଶିଷ ସାମନ୍ତ, ମାନସ ସନ୍ଧିବିଗ୍ରହ ଓ ସୁଜିତ କୁମାର ମଲ୍ଲିକ ପ୍ରମୁଖ ଛାତ୍ରନେତା ଯୋଗଦେଇ ମତ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ନକୁଳଦେବ ସାହୁ ଧନ୍ୟବାଦ ଦେଇଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ପରେ ଲୁଟ୍

ବାଲେଶ୍ୱର, ୧୮।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଟାଉନ ଥାନା ଅଧୀନ ଗୋପାଳଗାଁ ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ର ଛକରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ ପରେ ଲୁଟ୍ ହୋଇଛି। ଏଥିରେ ସେ ଗୁରୁତର ହୋଇଛନ୍ତି । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ଗୋପାଳଗାଁ ଶ୍ରୀବିହାର କଲୋନୀର ବ୍ୟାଙ୍କ କର୍ମଚାରୀ ମନୋଜ ପାଲକା। ସେ ତାଙ୍କ ସମ୍ପର୍କୀୟଙ୍କୁ ଷ୍ଟେଶନରେ ଛାଡ଼ି ଫେରୁଥିବା ବେଳେ ଏହି ଘଟଣା ଘଟିଛି। ବାଲେଶ୍ୱରର ଗୋପାଳ ଗାଁ ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ର ଛକଠାରେ ମନୋଜଙ୍କୁ ଅଜଣା ଦୁର୍ବୃତ୍ତମାନେ ଅଟକାଇ ଛିନ୍‌ତାଇ ଉଦ୍ୟମ କରି ଭୁଜାଲିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ବାହାରକୁ ବାହାରି ଆସିବାରୁ ଆକ୍ରମଣକାରୀ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

# ଡାକ୍ତର ଅଭାବକୁ ନେଇ କ୍ଷୋଭ

## ୬ଷ୍ଠ ଜିଲା ପରିଷଦର ତୃତୀୟ ସାଧାରଣ ବୈଠକ

- ବୈଠକ ଅଧାରୁ ଖବରଦାତାଙ୍କୁ ବିଦା କରାଯିବାରୁ ଅସନ୍ତୋଷ

ଯାଜପୁର ଟାଉନ,୧୮।୧୦
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):



ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ରାଜ୍ୟସଭା ସଦସ୍ୟା, ବିଧାୟିକା, ବିଧାୟକ, ଜିଲାପାଳ ଓ ଅନ୍ୟ ଅଧିକାରୀ।

ଯାଜପୁର ଜିଲା ପରିଷଦ ସ୍ୱ–ରୋଜଗାରୀ ପ୍ରଶିକ୍ଷଣ କେନ୍ଦ୍ର ଗୃହରେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ଜିଲା ପରିଷଦର ତୃତୀୟ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଯାଜପୁର ଲୋକସଭା ସଦସ୍ୟା ଶର୍ମିଷ୍ଠା ସେଠୀ, ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କୋରେଇ ବିଧାୟକ ଅଶୋକ କୁମାର ବଳ, ବରୀ ବିଧାୟିକା ସୁନନ୍ଦା ଦାସ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ ଓ ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଯୋଗଦେଇଥିଲେ। ବୈଠକରେ ଜିଲାରେ ଡାକ୍ତର ଅଭାବକୁ ନେଇ ସଭ୍ୟାସଭ୍ୟଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

ଜିଲାପରିଷଦ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ପୂର୍ବ ବୈଠକ ବିବରଣୀକୁ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯିବା ପରେ ନିର୍ବାହୀ ଅଧିକାରୀ ଏହାକୁ ପାରିତ କରିବାକୁ ସଭ୍ୟମାନଙ୍କ ମତ ଲୋଡ଼ିଥିଲେ। ବରୀ ବ୍ଲକ୍ ଅଧକ୍ଷ ଅଶୋକ କୁମାର ଗେଡ଼ି ପୂର୍ବ ବିବରଣୀରେ ସେ କହିଥିବା କଥାକୁ ବାଦ୍ ଦିଆଯାଇଥିଲା ଏବଂ ଭୁଲ୍ କ୍ରମେ ଅନ୍ୟସଭ୍ୟଙ୍କ ନାମ ଦିଆଯାଇଥିବାରୁ ସେ ବିବରଣୀରୁ ବାଦ୍ ଦେବା ପାଇଁ ଦାବି କରିଥିଲେ। ଜିଲା ପରିଷଦ ୬ନଂ. ଜୋନ୍ ସଭ୍ୟା ମାମିନା ମଲ୍ଲିକ ବସୁଧା ଯୋଜନାରେ ରାଜ୍ୟ ସରକାର ବିପୁଳ ଟଙ୍କା ଖର୍ଚ୍ଚ କରୁଥିଲେ ମଧ ମଙ୍ଗଳପୁର ପଞ୍ଚାୟତ କାଳୀପଡିଆ, କେଳାପଟି ପଡ଼ିଆ ଗ୍ରାମକୁ ପାଣି ଯାଇପାରୁ ନାହିଁ ବୋଲି କ୍ଷୋଭର ସହିତ ପ୍ରକାଶ କରିଥିଲେ। ଜିଲାପାଳ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶଦେଇଥିଲେ।

ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ବେଳେ ସଭ୍ୟାସଭ୍ୟା କ୍ଷୋଭ ପ୍ରକାଶ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତାଗିଦ କରିଥିଲେ। ୧୯ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ କହିଥିଲେ, ବଡ଼ଚଣା ଅଞ୍ଚଳର ବାଉଜଙ୍ଗ ସବ୍‌ସେଣ୍ଟରରେ ଡାକ୍ତର ଆସୁ ନ ଥିବା ବେଳେ ଲୋକେ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ସବ୍‌ସେଣ୍ଟର ଉପରେ ୨ଟି ଜିଲାର ଲୋକେ ନିର୍ଭର କରୁଥିବାବେଳେ ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁ ସେମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହାବ୍ୟତୀତ ୫–ଟି ଅଧୀନରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଏହାକୁ କେଉଁ ବିଭାଗ ନିର୍ମାଣ କରୁଛି ଏବଂ କେଉଁ ଠିକାଦାରଙ୍କ ଦ୍ୱାରା ନିର୍ମାଣ କରାଯାଉଛି ତାହା ଜିଲା ପରିଷଦ ସଭ୍ୟ ହିସାବରେ ମଧ ଆମ୍ଭେମାନେ ଜାଣିପାରିନାହୁଁ ବୋଲି ପ୍ରକାଶ କରିଥିଲେ। ଜିଲାରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ନିମ୍ନମାନର ବୋଲି ସଭ୍ୟ ସାମଲ ପ୍ରକାଶ କରିବା ସହ ଏହାର ତଦନ୍ତ କରାଯାଉ ବୋଲି କହିଥଲେ। ଅଭିଯୋଗ କଲେ ତଦନ୍ତ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାରେ ୩୭୫ ଡାକ୍ତର ଆବଶ୍ୟକତା ଥିବାବେଳେ ୧୭୮ ଏବେ କାର୍ଯ୍ୟରତ ଅଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଡାକ୍ତରଙ୍କ ପରିବର୍ତ୍ତେ ମାତ୍ର ୪ଜଣ କାର୍ଯ୍ୟ କରୁଥିବାରୁ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ୧୪ନଂ ଜୋନ୍‌ର ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି କହି କ୍ଷୋଭ ପ୍ରକାଶ କରିଥିଲେ।

ଧର୍ମଶାଳା ଅଞ୍ଚଳର କେତେକ ସ୍ଥାନରେ ପଞ୍ଚାୟତଠାରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ, ବେଙ୍ଗ ବସା କରିଲେଣି। ପୂର୍ବ ବୈଠକରେ ଏହି ଆଲୋଚନା କରାଯାଇଥିଲେ ମଧ କୌଣସି ସୁଧାର ଆସିପାରିନାହିଁ। ୭ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ନିନାରାଣୀ ସାମଲ ତାଙ୍କ ଜୋନ୍‌ର ବଡକୁଆଁଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଏପରିକି ରାତ୍ର ଜଗୁଆଳି ନ ଥିବା ପ୍ରକାଶ କରିଥିଲେ। ଆଗାମୀ ଦିନରେ ୪୫ଜଣ ଡାକ୍ତର ମୁଖ୍ୟ ଚିକିତ୍ସାଳୟରେ ଯୋଗଦେବା ପାଇଁ ଥିବାବେଳେ ସେଠାରେ କାର୍ଯ୍ୟରତ ଡାକ୍ତରଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯିବା ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ବୈଠକରେ ସଭ୍ୟାସଭ୍ୟ ହଟଗୋଳ କରୁଥିବାବେଳେ ଖବରଦାତାମାନଙ୍କୁ ବୈଠକ ଅଧାରୁ ଚାଲିଯିବା ପାଇଁ ଉପସଭାପତି ବରାଳ ଅନୁରୋଧ କରିଥିଲେ। ଫଳରେ ଖବରଦାତାମାନେ ବୈଠକ ଅଧାରୁ ପଳାଇ ଆସିଥିଲେ। ପରେ ଜିଲାର ଶିକ୍ଷା, ମହିଳା ଓ ଶିଶୁ ବିକାଶ ଏବଂ ନିର୍ମାଣ ତଥା ଗମନାଗମନ ଯୋଜନା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା। ଏହି ଘଟଣାକୁ ନେଇ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ବିଶ୍ୱ ଧଳାବାଡ଼ି ଦିବସ

ଯାଜପୁରରୋଡ୍,୧୮।୧୦
(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଶହୀଦ ଭଗତ ସିଂ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟାସଶ୍ରୀ କଳାନିକେତନ(ଡୋଳିପୁର)ଠାରେ ବିଶ୍ୱ ଧଳା ବାଡ଼ି ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦୃଷ୍ଟି ବାଧିତଙ୍କୁ ଧଳା ବାଡ଼ି ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅର୍ଥ ବିଭାଗ ମୁଖ୍ୟବକ୍ତା ଅତରିକ୍ତ ସଚିବ ପିୟୁଷ କାନ୍ତ ପାଣି, ସମ୍ମାନିତ ଅତିଥି ଭାବେ ଯାଜପୁରରୋଡ୍ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଅଜୟ ପଣ୍ଡା, ସଂଘ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ ଓ ଚନ୍ଦ୍ରମଣି ସାମଲ ଅତିଥିଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ବିଶ୍ୱାଳ, ଅକ୍ଷୟ ନାୟକ, ଅସିତ ଦାସ, ପରେଶ ଦାସ, ଜନ୍ମେଜୟ ରାଉତ, ଚିନ୍ତାମଣି ମଲ୍ଲିକ, ଦୀପକ ଦାସ ତପନ ମିଶ୍ର, ଦୀନବନ୍ଧୁ ନାୟକ, ତପନ ବାରିକ, ହେମନ୍ତ ନାୟକ, ବିଜୟ ନନ୍ଦୀ, ସୌମ୍ୟକାନ୍ତ ଓଝା, ଦୀନେଶ ମସ୍କରା, କଳ୍ପତରୁ ଧୀର, କାଳନ୍ଦୀ ମଲ୍ଲିକ ଓ ସନାତନ ମଲିକ ଉପସ୍ଥିତ ରହି ଧଳା ବାଡ଼ି ବଣ୍ଟନରେ ସହଯୋଗ କରିଥିଲେ। ପରେ ଅସହାୟ ଏବଂ ଦୃଷ୍ଟି ବାଧିତ ବ୍ୟକ୍ତିଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା।

## ମୃତ ଚାଷୀଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତ୍ରୀ

ଧର୍ମଶାଳା,୧୮।୧୦(ବଟକୃଷ୍ଣ ପରିଡ଼ା):

ଫସଲ ନଷ୍ଟ ଯୋଗୁ ଧର୍ମଶାଳା ବ୍ଲକ ବାଜବାଟୀ ଗ୍ରାମର ଚାଷୀ ନିତ୍ୟାନନ୍ଦ ପରିଡ଼ା ବିଷପିଇ ଆତ୍ମହତ୍ୟା କରିବା ପରେ ତାଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ନେତାଙ୍କ ସୁଅ ଛୁଟିଛି। ମଙ୍ଗଳବାର କଂଗ୍ରେସ ନେତା ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସର ଏକ ଟିମ୍ ଆସି ତାଙ୍କ ପରିବାରକୁ ଭେଟିଥିଲେ। ବୁଧବାର କଂଗ୍ରେସ ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ ଆସି ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହିତ ନିତ୍ୟାନନ୍ଦଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇଦେବା ଲାଗି ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ନିକଟରେ ଦାବି କରିଛନ୍ତି। ନିତ୍ୟାନନ୍ଦଙ୍କ ମୃତ୍ୟୁକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ କୌଣସି ସହାୟତା ଯୋଗାଇ ଦିଆ ଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଥିସହିତ ନିଜ ପକ୍ଷରୁ ଅର୍ଥରାଶି ସହାୟତା ଦେଇଛନ୍ତି। ଏଥିରେ ଜିଲା କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ ଜେନା, ପୂର୍ବତନ ଜୋନ ସଭାପତି ସୁଧାକର ରାଉତ, ଜିଲା କଂଗ୍ରେସ ସମ୍ପାଦକ ମିହିର ଖୁଣ୍ଟିଆ, ଜିଲା କଂଗ୍ରେସ ଦଳିତ ସେଲ ସଂଯୋଜକ ବୈରାଗୀ ମଳିକ, କେଶବ ମଳିକ, ଶଶି ଭୁଷଣ ନାୟକ, ଅଶୋକ ଜେନା, କାଲୁଆ ରାଉତ, ସେକ୍ ଚାନ୍ଦ ଓ ୟାକୁବ ଖାଁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପୂର୍ବତନ ବ୍ଲକ ଅଧକ୍ଷ ତଥା କଂଗ୍ରେସ ନେତା କିଶନ ପଣ୍ଡା ସକାଳେ ମୃତ ଚାଷୀଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।


ନାରୀନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ ତହସିଲଦାରଙ୍କୁ ଭେଟୁଛନ୍ତି।

### ଷଣ୍ଢ ଚାଲାଣ ଅଭିଯୋଗରେ ୨ ଗିରଫ

ରସୁଲପୁର,୧୮।୧୦(ରଞ୍ଜିତ ରାଉତ):

କୁଆଖିଆ ଥାନା ରାଜେନ୍ଦ୍ରପୁର ଅଞ୍ଚଳରୁ ଏକ ଷଣ୍ଢ ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏଥିସହିତ ଅଭିଯୁକ୍ତଙ୍କ ନିକଟରୁ ଷଣ୍ଢକୁ ଉଦ୍ଧାର କରିବା ସହ ଷଣ୍ଢ ଚାଲାଣ ପାଇଁ ବ୍ୟବହୃତ ଟ୍ରଲିକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଉକ୍ତ ଥାନା ସାଦକପୁର ଗ୍ରାମର ସେକ୍ ତୋଫାନ(୫୨) ଓ ସୁବାସ ସାମଲ(୬୦)। ମଙ୍ଗଳବାର ରାଜେନ୍ଦ୍ରପୁର ପଞ୍ଚାୟତ ଅଞ୍ଚଳରେ ବୁଲୁଥିବା ଏକ ଷଣ୍ଢକୁ କାବୁ କରି ଉଭୟେ ବିକ୍ରି ଉଦ୍ଦେଶ୍ୟରେ ନେଉଥିଲେ। ଗ୍ରାମର ଅମିୟ ରଞ୍ଜନ ସାହୁ ଏହାଦେଖି ପୋଲିସକୁ ଅବଗତ କରାଇଥିଲେ। ପୋଲିସ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିବା ସହ ଅଭିୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.–୩୮୯/୨୩ରେ ଏକ ମାମଲା ରୁଜୁ ହୋଇଛି।

### ଠେଙ୍ଗା ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ପାଣିକୋଇଲି,୧୮।୧୦(ବିକାଶ ମଲ୍ଲିକ):

ପାଣିକୋଇଲି ଦଳିତ ମାହାଲି ମହାସଭା ତରଫରୁ ଦୁର୍ଗାସପ୍ତମୀ ଦିନ ଦଳିତମାନଙ୍କ ପାରମ୍ପରିକ ପର୍ବ ୧୫ତମ ଶାରଦୀୟ ଠେଙ୍ଗା ପୂଜା ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ମା’ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଶନିବାର ମହା ସପ୍ତମୀରେ ସ୍ଥାନୀୟ କାଙ୍କଲାପାଟଣାସ୍ଥିତ ଥାନପତୀଙ୍କ ପୀଠଠାରେ ପୂଜାର୍ଚ୍ଚନା ପରେ ଛଅ ସାହିର ପାଣିକୋଇଲି, ଚିତ୍ରାଡ଼ି, ବାଲିଦାଣ୍ଡ, ମଣିପୁର, ଦାମୋଦରପୁର, ଦାଣ୍ଡି ସାହି, ମଣିପୁର, କାଙ୍ଗଲା ପାଟଣା, ବନ୍ଧିରା ଓ ବଣିଆଗଡ଼ିଆ ଅଞ୍ଚଳର ୪୦୦ରୁ ଊର୍ଦ୍ଧ୍ୱ ଯୁବକ ଠେଙ୍ଗା ଧରି ବାଜା ବାଣ ସହିତ ବଜାର ପରିକ୍ରମା କରିବେ। ପରେ ମା’ ତାରିଣୀ ଓ ମା’ ଜାଗୁଳାଇଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବ। ଚଳିତ ବର୍ଷ ବହୁ ଆଡ଼ମ୍ବରରେ ପୂଜା ପାଳନ କରାଯିବ ବୋଲି ମହାସଭା ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ ଜଣାଇଛନ୍ତି। ବୈଠକରେ ମହାସଭା ସଦସ୍ୟ ସନ୍ୟାସୀ ମଳିକ, ନବଘନ ମଳିକ, ନବକିଶୋର ମଳିକ, ଧବଳ ମଳିକ, ଅଜୟ ମଳିକ, ଦୁଶାଃସନ ମଳିକ, ସୂର୍ଯ୍ୟମଣୀ ମଳିକ, ରମେଶ ମଳିକ, ଚିଙ୍ଗୁଡ଼ି ମଳିକ, ଜାଡୁଆ ମଳିକ, ଗୌରାଙ୍ଗ ମଳିକ, ଶଶୀକାନ୍ତ ମଳିକ, ରାଜକିଶୋର ମଳିକ, ଯୋଗୀ ମଳିକ, ଅଭି ମଳିକ ଓ ଜଗା ମଳିକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ୫ମ ଦିନରେ ମା’ ବିରଜାଙ୍କ ରଥଯାତ୍ରା

ଯାଜପୁର ଟାଉନ,୧୮।୧୦
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):



ମା’ବିରଜା ଦେବୀଙ୍କ ଦୁର୍ଗୋତ୍ସବ ବୁଧବାର ତ୍ରୟୋଦଶ ଦିନରେ ସମାପନ ହୋଇଥିବାବେଳେ ମା’ଙ୍କ ରଥଯାତ୍ରା ଓ ମୁଖ ଦର୍ଶନ ୫ମ ଦିନରେ ପହଞ୍ଚିଛି। ପଞ୍ଚମୀ ଥିବାରୁ ଉଭୟ ରାତି ଓ ଦିନର ବଡ଼ନୀତି ହେବା ସହିତ ମହାସ୍ନାନ କରାଯାଇଛି। ସକାଳ ୬ଟା୩୦ରେ ବୈତରଣୀରୁ ଆସିଥିବା ଜଳରେ ମା’ଙ୍କ ସ୍ନାନ ପରେ ୭ଟାରୁ ୮ଟା ୧୫ ପର୍ଯ୍ୟନ୍ତ ଭକ୍ତ ଗର୍ଭ ଗୃହକୁ ପ୍ରବେଶ କରି ମା’ଙ୍କ ପାଦ ସ୍ୱର୍ଷ କରିବା ସହିତ ମୁଖଦର୍ଶନ କରିଥିଲେ। ୮ଟା ୧୫ ପରେ ମା’ଙ୍କର ଶାଢ଼ି ବେଶ, ଫୁଲ ବେଶ, ଚନ୍ଦନ ବେଶ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ୧୧ଟା ୩୦ରେ ବଡ଼ ଶୃଙ୍ଗାର ବେଶ କରାଯାଇ ଦିନ ପୂଜାର ଆୟୋଜନ କରାଯାଇଥିଲା। ଦିନ ପୂଜା, ନୀତି ଓ କଳସ ପୂଜା ଅପରାହ୍ନ ୩ଟାରେ ସମାପନ ପରେ ପହୁଡ଼ କରାଯାଇଥିଲା। ରଥ ଉପରେ ବିଜୟ ପ୍ରତିମାଙ୍କ ନିକଟରେ ପୂଜା ଦୈନନ୍ଦିନ ପହୁଡ଼ ପରେ ନିୟମିତ କରାଯାଉଛି। ଅପରାହ୍ନ ୪ଟା ୩୦ରେ ପହୁଡ଼ ଖୋଲାଯାଇ ୫ଟାରେ ରଥ ଯାତ୍ରା ଆୟୋଜନ କରାଯାଇଥିଲା। ଏକ ଘଣ୍ଟା ରଥଯାତ୍ରା ମଧ୍ୟରେ ୧ ବେଢ଼ାରୁ ଅଧିକ ପରିକ୍ରମା କରାଯାଇ ପୂର୍ବ ଉତ୍ତର କୋଣରେ ରଥକୁ ରଖାଯାଇଥିଲା। ରଥରୁ ଆର୍ଶୀ, ଛତ୍ର, ତରାଶ, ମସାଲ ଅବତରଣ ପରେ ଗର୍ଭ ଗୃହକୁ ଆର୍ଶୀ ଦଣ୍ଡ ରଖାଯିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ରାତ୍ର ୮ଟା ୩୦ରେ ବୈତରଣୀ ଜଳରେ ମହାସ୍ନାନ ପରେ ପୁନରାୟ ଶାଢ଼ି ବେଶ, ଫୁଲ ବେଶ, ଚନ୍ଦନ ବେଶ କରାଯିବା ପରେ ବଡ଼ ଶୃଙ୍ଗାର ବେଶ କରାଯାଇ ରାତ୍ର ପୂଜାର ଆୟୋଜନ କରାଯାଇଥିଲା।

## ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କଲେ ଦମ୍ପତି

ପାଣିକୋଇଲି,୧୮।୧୦(ବିକାଶ ମଲ୍ଲିକ):

ଅଭିଯୋଗକୁ ୪ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରାଯାଉନାହିଁ। ଫଳରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି ଏକ ଦମ୍ପତି। ସେମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଚାଉଳିଆ ଗ୍ରାମର ଦୁଷ୍ମନ୍ତ ଜେନା ଓ ତାଙ୍କ ସ୍ତ୍ରୀ କୁନି ଜେନା। ଅଭିଯୋଗ ଅନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ଦୁର୍ଯ୍ୟୋଧନ ଜେନା, ବବଲୁ ଜେନା, ବର୍ଜୁ ଜେନା, ନନ୍ଦୁ ଜେନା, ଛୁଆପୁଅ ଜେନା, ବିକି ଜେନା ପ୍ରମୁଖ ଗତ ୧୩ ତାରିଖରେ ଦୁଷ୍ମନ୍ତଙ୍କ ଘର ଆଗରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରଦିନ ତାଙ୍କ ପୁଅ ହରେକୃଷ୍ଣ ସ୍ଥାନୀୟ ବିରିପଟା କଲେଜରୁ ଫେରିବା ବେଳେ ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଥାନାରେ ଅଭିଯୋଗ କଲେ ଦୁଷ୍ମନ୍ତଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଦୁଷ୍ମନ୍ତଙ୍କ ସ୍ତ୍ରୀ କୁନି ମଙ୍ଗଳପୁର ଥାନାରେ ଗତ ୧୪ରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗ୍ରହଣ କରି ଚୁପ ହୋଇ ବସିଛି। ଏପରି କି ଘଟଣାର ତଦନ୍ତ ମଧ୍ୟ କରୁନାହିଁ କି ଆକ୍ରମଣକାରୀଙ୍କୁ ଡାକି ପଚରାଉଚରା କରୁନାହିଁ। ଫଳରେ ଦୁଷ୍ମନ୍ତଙ୍କ ପରିବାର ଭୟରେ ପଦାକୁ ବାହରି ପାରୁନାହାନ୍ତି ବୋଲି ଦମ୍ପତି ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ମଙ୍ଗଳପୁର ଥାନା ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଦମ୍ପତି

## ଲୁକ୍କାୟିତ ପ୍ରତିଭାର ବିକାଶରେ ସୁରଭି ବଳିଷ୍ଠ ମାଧ୍ୟମ

### ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା

- ଭାଗନେଲେ ୩୮୦ ପ୍ରତିଯୋଗୀ
- ୨୭ କୃତୀ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

ରସୁଲପୁର,୧୮।୧୦(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ବିଦ୍ୟାର୍ଥୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଘଟାଇବା ଦିଗରେ ସୁରଭି ଏକ ବଳିଷ୍ଠ ମାଧ୍ୟମ। ଏଥିସହିତ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ପ୍ରତିଯୋଗୀମାନଙ୍କ ସଫଳତା କାମନା କରିଥିଲେ। ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ଜିଲାପରିଷଦ ସଦସ୍ୟା ମମତା ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୧୪ କ୍ଲଷ୍ଟରରୁ ୩୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ନେଇ ଜୁନିୟର ଓ ସିନିୟର ଭାଗରେ ବିଭକ୍ତ କରାଯାଇଥିଲା। ୩ୟରୁ ୭ମ ଶ୍ରେଣୀ ପିଲାଙ୍କୁ ନେଇ କନିଷ୍ଠ ବର୍ଗ ଓ ୮ମ ରୁ ୧୦ମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ବରିଷ୍ଠ ବର୍ଗରେ ସାମିଲ କରାଯାଇଥିଲା। କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ, ବକ୍ତୃତା, ଗୀତ, ଶୃଜନଶୀଳ ଲିଖନ, ହସ୍ତାକ୍ଷର, ଏମ୍‌ଡିଏମ ଆର୍ଟ ଓ କ୍ରାଫ୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ(ଦଳଗତ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବର୍ଗର ପ୍ରତିଯୋଗୀଙ୍କୁ ନେଇ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ତୁଳିରେ ରଙ୍ଗ କରିବା, କୁଇଜ୍, ଶୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ, ମିଲେଟ ମିଶନ ଆଦି ୨୧ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା।

ଚଳିତବର୍ଷ ପ୍ରଥମଥର ପାଇଁ ମିଲେଟ ମିଶନ ଓ ମଧ୍ୟାହ୍ନ ଭୋଜନ ସମ୍ପର୍କିତ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୭ଜଣ ପିଲା ଅଂଶଗ୍ରହଣ କରୁଥିବାରୁ ମୋଟ୍ ୨୭ଜଣଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ ସୂଚନା ଦେଇଛନ୍ତି। ନଭେମ୍ବରରେ ଜିଲାସ୍ତରୀୟ ସୁରଭି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କୁହାଯାଉଛି। ସନ୍ଧ୍ୟାରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟା ସୌଦାମିନୀ ସ୍ୱାଇଁ, ସରପଞ୍ଚ ଆୟୁଷମତି ଦାସ, ନାରାୟଣ ସ୍ୱାଇଁ, ସହମଣ୍ଡଳ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି, ଅରୁଣ କୁମାର ସେଠୀ, ଶାନ୍ତିଲତା ରାଉତ, ଶିକ୍ଷକନେତା ସୁନନ୍ଦ କୁମାର ରାଉତ, ଅମୂଲ୍ୟ କୁମାର ଦାସ, ଚନ୍ଦ୍ରଶେଖର ସ୍ୱାଇଁ, ଜ୍ଞାନରଞ୍ଜନ ରଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ରଞ୍ଜନ କୁମାର ପତି ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ପ୍ରତିଯୋଗୀ।

## ସଂକ୍ଷେପରେ

### ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ

ରାଜନଗର,୧୮।୧୦(ଭାସ୍କର ରାଉତରାୟ) ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ରାଜନଗରସ୍ଥିତ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ବିଆରଟି ରଶ୍ମୀ ରଞ୍ଜନ ଜେନା, ହେମନ୍ତ କୁମାର ମଲିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଛାତ୍ରୀ ଅନନ୍ୟା ସାମଲ, ଶୁଭଶ୍ରୀ ସାମଲ, ପିୟୁସ ଗୁପ୍ତା, ସ୍ୱର୍ଣ୍ଣକାନ୍ତି ଦାସ ପ୍ରମୁଖ ୧୪ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗଦାଧର ରାଉତ, ରାଜୀବ ଲୋଚନ ସ୍ୱାଇଁ, ଗଣେଶ୍ୱର ପଲାଇ, କୁଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଡେରାବିଶ, ୧୮।୧୦(ବେବର୍ତ୍ତା ଅଜୟ ଦାସ) ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର



ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୁରୁଚରଣ ନାୟକ(୭୪)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ନାୟକ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏହି ଖବର ଜଣାପଡିବା ପରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ନାୟକ ଏଣ୍ଡର ପଞ୍ଚାୟତ କୁସୁନପୁର ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିବା ବେଳେ ପରେ ମହାକାଳପଡ଼ା ବ୍ଲକର ବିଜୟନଗର ହାଇସ୍କୁଲ ଓ ଡେରାବିଶ ବ୍ଲକର ବେଲାରପୁରସ୍ଥିତ ଭଗବତୀ ନୋଡାଲ ହାଇସ୍କୁଲରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ପରିଚିତ ଥିଲେ। ନାୟକ ନିଜ ଗ୍ରାମ ବଳଭଦ୍ରପୁରସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠ ପରିଚାଳନା କମିଟିର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ବହୁ ପୁରାତନ ଛାତ୍ର ତାଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

### ପୋଖରୀରେ ବୁଡ଼ି ମହିଳା ମୃତ

ବାହାନଗା, ୧୮।୧୦(ଅରୂପ କୁମାର ଦାସ)–ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଉପରଆଡିଆ ଗ୍ରାମର ନିରଞ୍ଜନ ଖିଲାରଙ୍କ ସ୍ତ୍ରୀ ମୀନତି ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ଗାଧୋଉଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ଏଭଳି ଅଘଟଣ ଘଟିଛି। ପରେ ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରି ପୋଖରୀରେ ମୃତଦେହ ଭାସୁଥିବା ଦେଖିଥିଲେ। ମହିଳାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣିଥିଲେ। ସେଠାରେ ଡାକ୍ତର ମୀନତିଙ୍କୁ ମୃତ ଘୋଷଣ କରିଥିଲେ। ସୋର ଥାନା ପୋଲିସ ଗୋପାଳପୁରରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭୫/୨୩) ରୁଜୁ ହୋଇଛି।

# ‘ପରିଶ୍ରମ ସଫଳତାର ଚାବିକାଠି’



କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ରାଜନଗର,୧୮।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’ ଓ ଓଡିଶା ମିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ପରିପ୍ରକାଶ ପାଇଁ ସୁରଭି ଭଳି ଶିଶୁ ମହୋତ୍ସବ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ। ଆଜିର ଶିଶୁମାନେ କାଲିର ଭବିଷ୍ୟତ। ଶିଶୁମାନଙ୍କ ବୌଦ୍ଧିକ ଏବଂ ମାନସିକ ବିକାଶ କ୍ଷେତ୍ରରେ ମାଆ ଏବଂ ଗୁରୁଙ୍କ ରହିଥିବା ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ରହିବା ଜରୁରୀ। ଶିଶୁମାନେ କଠିନ ପରିଶ୍ରମ କଲେ ସଫଳତାର ଶୀର୍ଷ ଛୁଇଁପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଯୋଗଦେଇ ଭାରତରତ୍ନ, ପୂର୍ବତନ ରାଷ୍ଟ୍ରପତି ଡଃ. କାଲାମଙ୍କ ପିଲାଦିନର ଆତ୍ମ କାହାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟା ସୁମିତ୍ରା ସେଠୀ, ବିଆରସିସି ଭକ୍ତିଲତା ବାରିକ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ଶିକ୍ଷାଧିକାରୀ ସେଠୀ ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର,

### ବ୍ଲକସ୍ତରୀୟ ‘ସୁରଭି’ ଓଡ଼ିଶା ମିଲେଟ ପ୍ରତିଯୋଗିତା

ପ୍ରଧାନଶିକ୍ଷୟିତ୍ରୀ ସମିତା ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦଉହରି ମଲିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଚିତ୍ରାଙ୍କନରେ ସିନିୟର ବିଭାଗରେ ଜ୍ୟୋତିର୍ମୟୀ ଲେଙ୍କା, କ୍ରିଏଟିଭ ରାଇଟିଂରେ ଲିଜାରାଣୀ ମୌତ୍ରି, ରାଜଦୀପ ସୂତାର, ହସ୍ତାକ୍ଷରରେ ଶୁଭସ୍ମିତା ସାହୁ, କୁଇଜରେ ସତ୍ୟଜିତ୍ ରାଉତ, ଅକ୍ଲାନ୍ତ ରାଉତ, ଆୟୁସ୍ମିତା ସାହୁ, ଇଲ୍ୟୁସନରେ ବୈଜୟନ୍ତ ତ୍ରିପାଠୀ, ସଞ୍ଜନା ସାମଲ, କଳ୍ପନା ମଣ୍ଡଳ, ସଂଗୀତରେ ପ୍ରଭାଞ୍ଜନ ମଲିକ, ମାମୁନି ସେଠୀ, ସଂଗୀତା ଜେନା ପ୍ରମୁଖ ୨୭ଜଣ କୃତି ଛାତ୍ରୀଙ୍କୁ ମୁଖ୍ୟ ଅତିଥି ବିଧାୟକ ସାହୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ମଧୁସୂଦନ ସାହୁ, ଚନ୍ଦ୍ରକାନ୍ତ ରାଉତ, ପ୍ରଶାନ୍ତ କୁମାର ଜେନା, ମହେଶ୍ୱର ସାହୁ, ସୁଶାନ୍ତ କୁମାର ସେଠୀ, ଅଜିତ କୁମାର ସେଠୀ, ଦିଲ୍ଲୀପ କୁମାର ସେଠୀ, ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେଠୀ, ପ୍ରୋଗ୍ରାମ ଅଫିସର ଭାସ୍କର ଚନ୍ଦ୍ର ଲେଙ୍କା ଏବଂ ସରକାରୀ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ଟ୍ରକ୍‌ରୁ ତେଲ ଚୋରି ଅଭିଯୋଗ, ୪ ଗିରଫ



ଜବତ ଡିଜେଲ ସହ ଗିରଫ ଅଭିଯୁକ୍ତମାନେ।

ମାର୍ଶାଘାଇ,୧୮।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ବଡଦ ଛକ ନିକଟସ୍ଥ ତାରିଣୀ ମନ୍ଦିର ପାଖରେ ଛିଡା ହୋଇଥିବା ଏକ ଆଇରନ ବୋଝେଇ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବା ଅଭିଯୋଗରେ ପୋଲିସ ୪ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ସନ୍ଧ୍ୟାରେ ମାର୍ଶାଘାଇ ଥାନା ଏଏସ୍‌ଆଇ ଲୋଭାବତୀ ସାହୁ ଅନ୍ୟ କର୍ମଚାରୀମାନଙ୍କ ସହ ପାଟ୍ରୋଲିଂ କରୁଥିବା ସମୟରେ ତାରିଣୀ ମନ୍ଦିର ନିକଟରେ ଛିଡା ହୋଇଥିବା ଏକ ଆଇରନ ବୋଝ ଟ୍ରକର ନୋଜଲ କ୍ୟାପ୍ ଭାଙ୍ଗି ଉପରୋକ୍ତ ଯୁବକମାନେ ଡିଜେଲ ବାହାର କରୁଥିବା ଦେଖିବାକୁ ପାଇଥିଲେ। ପୋଲିସ ସେମାନଙ୍କୁ କାବୁ କରିବା ସହ ୧୭୫ ଲିଟର ଡିଜେଲ। ୫ଟି ପ୍ଲାଷ୍ଟିକ ଜାର ସହ ଏକ ତେଲ କଢ଼ା ପାଇପ ଜବତ କରାଯାଇଛି। ଗିରଫ ଯୁବକମାନେ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ କଳାଗଡ଼ ଗ୍ରାମର ଶିଶିର ନାୟକ, ସୁନୀଲ ରାଉତ, ସୁଶୀଲ ସ୍ୱାଇଁ ଓ ଆଠବାଟିଆ ଗ୍ରାମର ରଞ୍ଜନ ବେହେରା। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୫୦୦/୨୩) ରୁଜୁ ହୋଇଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ରାମ ଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି।

# ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିଛି ସୁରଭି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

ଡେରାବିଶ,୧୮।୧୦ (ବେବର୍ତ୍ତା ଅଜୟ ଦାସ)

### ଜାଗୁଳାଇପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଶିକ୍ଷାମଣ୍ଡଳ ଅଧୀନ ଜାଗୁଳାଇପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବାଲିଆ ପଞ୍ଚାୟତ ଜାଗୁଳାଇପଡ଼ା– ଦେଶପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସିଆରସିସି ଲଲାଟ କେଶରୀ ଭୁୟାଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବାଲିଆ ପଞ୍ଚାୟତ ସମିତିସଭ୍ୟା ସସ୍ମିତା ବଳ ମୁଖ୍ୟଅତିଥି ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ସୁରଭି କାର୍ଯ୍ୟକ୍ରମ ବିକଶିତ କରିଛି ବୋଲି କହିଥିଲେ। ଉଦଘାଟନୀ ଉତ୍ସବରେ ପ୍ରାକ୍ତନ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନରହରି ସୁତାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ଶିକ୍ଷାବିତ୍ ପୀତବାସ ପଣ୍ଡା ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବିନ୍ଦ୍ରନାଥ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ୧୩ ବିଦ୍ୟାଳୟର ୧୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ପରିଡ଼ା, ଅତୁଲ୍ୟ କୁମାର ରଥ, ପ୍ରଶାନ୍ତ କୁମାର ସାହୁ, ଧ୍ରୁବଚରଣ ପଣ୍ଡା ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସମୟାନୁବର୍ତ୍ତିତା ଶିକ୍ଷାର୍ଥୀଙ୍କୁ ସତ୍‌ପଥର ପ୍ରେରଣା ଦିଏ

କେନ୍ଦ୍ରାପଡ଼ା, ୧୮।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମହିପାଳସ୍ଥ ଗୌସିଆ ହବିବୁଲ କୁରାନ ମଦ୍ରାସାରେ ମଙ୍ଗଳବାର ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ମୌଲବୀ ଫୟାଜ ଆଲାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଆର୍‌ସି କୁମୁଦିନୀ ଦେଇ, ସିଆର୍‌ସିସି ମହମ୍ମଦ ଜଲାଲଉଦ୍ଦିନ, ସିଆର୍‌ସିସି ସେକ୍ ଗିୟାସୁଦ୍ଦିନ, ସିଆର୍‌ସିସି ଦେବାଶିଷ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନେ ଶିକ୍ଷାର୍ଥୀ ଜୀବନରେ ସମୟାନୁବର୍ତ୍ତିତା, ଶିକ୍ଷା ପ୍ରତି ପ୍ରତିବଦ୍ଧତା, ଶୃଙ୍ଖଳିତ ଜୀବନ ସମ୍ପର୍କରେ ମତ ରଖିଥିଲେ। ଏଥିସହ ସତ୍‌ପଥର ପ୍ରେରଣା ପାଇଁ ସମୟ ପରିଚାଳନାକୁ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଶିକ୍ଷାର୍ଥୀଙ୍କୁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଆସିଥିବା ପୋଷାକ ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୁଲାମ ମୁସ୍ତାଫା, ଶିକ୍ଷୟିତ୍ରୀ ଅମାତୁନ ନେସାଁ, ମେହେରୁନ ନେସାଁ ପରିଚାଳନା କରିଥିଲେ।

# ଓଳାଭର ମହାବିଦ୍ୟାଳୟରେ ସାଇବର ସୁରକ୍ଷା ଅଭିଯାନ



ଶିବିରରେ ଯୋଗଦେଇଥିବା ଅତିଥି।

ରାଜକନିକା,୧୮।୧୦(ସଞ୍ଜୟ କୁମାର ଦାଶ)

### ପୋଲିସ ପକ୍ଷରୁ ସତର୍କ ଓ ଜନସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟ ପରିସରରେ ବୁଧବାର ସାଇବର ସୁରକ୍ଷା ଅଭିଯାନ–୨୦୨୩ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱ ଏବଂ ସାଇବର ସେଲର ସମ୍ପାଦକ ବସନ୍ତ କୁମାର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ତଥା ସଚେତକ ଭାବେ ରାଜକନିକା ଥାନା ଅଧିକାରୀ ଦିଲୀପ କୁମାର ଧଳ ଯୋଗଦେଇଥିଲେ। ସାଇବର ଠକେଇରୁ କିପରି ଦୂରେଇ ରହିପାରିବା, ବିଭିନ୍ନ ଆପ୍ ମାଧ୍ୟମରେ ଅନ୍‌ଲାଇନରେ ଅର୍ଥ କାରବାର ହେଉ ବା ଅନ ଲାଇନ ସପିଂ ଭଳି ହେଉଥିବା ବିଭିନ୍ନ ପ୍ରକାର ସାଇବର ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିହେବ ସେ ନେଇ ଉପସ୍ଥିତ ଛାତ୍ରୀଛାତ୍ର, ଅଧାପିକା ଅଧାପକ ତଥା ଅନ୍ତେବାସୀଙ୍କୁ ଧଳ ପ୍ରଶିକ୍ଷଣ ଦେଇ ସଚେତନ କରାଇଥିଲେ। ସାଇବର ଠକାମୀରୁ ଲୋକମାନଙ୍କୁ ସୁରକ୍ଷା ରଖିବା ପାଇଁ ସରକାରଙ୍କ ପକ୍ଷରୁ ଓଡ଼ିଶା ପୋଲିସ ଦ୍ୱାରା ସାରା ଓଡ଼ିଶାରେ ସାଇବର ରଥ ପରିକ୍ରମା କରାଯାଇ ସତର୍କତା ଓ ଜନ ସଚେତନତା ସୃଷ୍ଟି କରାଯାଇଛି ବୋଲି ମଧ୍ୟ କହିଥିଲେ। ଅଧାପକ ମୂରଲୀଧର କର ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଆଧାପିକା ଅଧାପକ ଉଷା ରଥ, ସଙ୍ଗୀତା ସେଠୀ, ମଧୁସ୍ମିତା ଶୁକ୍ଳା, ପୁଷ୍ପଲତା ସାହୁ, ପ୍ରତାପ କୁମାର ବିଶାଳ, ଅନନ୍ତ ସାହୁ, ମନୋଜ କୁମାର ସାହୁ, ପ୍ରତାପ କୁମାର ବିଶ୍ୱାଳ, ମନିନ୍ଦ୍ର କୁମାର ସାହୁ ଓ ଚିନ୍ମୟ କୁମାର ସାହୁଙ୍କ ସମେତ ଛାତ୍ରୀଛାତ୍ର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୂତନ ସଭ୍ୟ ଗ୍ରହଣ ପାଇଁ ସହମତି

- ପାରାଦୀପ ଜେସିସି ବୈଠକ
- ବିବାଦ ପରେ ବଦଳିଲେ କର୍ମକର୍ତ୍ତା

ପାରାଦୀପ,୧୮।୧୦(ଶରତ ରାଉତ)

ପାରାଦୀପର ୩ଟି ଟ୍ରକ୍ ମାଲିକ ସଂଘକୁ ନେଇ ଗଠିତ ଜେସିସି (ଜଏଣ୍ଟ କୋଅର୍ଡିନେଶନ କମିଟି) ପକ୍ଷରୁ ବୁଧବାର ସନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩ଟି ସଂଘ ହେଲେ ପାରାଦୀପ ଟ୍ରକ୍ ମାଲିକ ସଂଘ, ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ଓ ଜଗତ୍‌ସିଂହପୁର ଜିଲା ଟ୍ରକ୍ ମାଲିକ ସଂଘ। ଏହି ୩ ସଂଘର ପ୍ରମୁଖ କର୍ମକର୍ତ୍ତାମାନେ ବୈଠକରେ ସାମିଲ ହେବା ସହ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ତାହା ହେଲା ଚଳିତମାସ ୨୦ରୁ ଆସନ୍ତା ନଭେମ୍ବର ୧୦ ତାରିଖ ମଧ୍ୟରେ ନୂତନ ସଭ୍ୟ ଗ୍ରହଣ କରାଯିବ। ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ଟ୍ରକ୍ ମାଲିକମାନେ ଏହି ସମୟ ମଧ୍ୟରେ ଉଚିତ କାଗଜପତ୍ର ସହ ଆବେଦନ କରିବେ। ନଭେମ୍ବର ୧୧ରୁ ୩୦ ତାରିଖ ମଧ୍ୟରେ ଯାଞ୍ଚ ଓ ଡିସେମ୍ବର ୧ରୁ ନୂତନ ସଭ୍ୟ ତାଲିକା ଘୋଷଣା ହେବ ବୋଲି ଜେସିସି ସଂଯୋଜକ ସୁମନ୍ତ କୁମାର ବିଶ୍ୱାଳ ଲିଖିତ ସୂଚନା ଦେଇଛନ୍ତି। ଏପରି ନୂତନ ସଭ୍ୟ ଗ୍ରହଣ କରିବାକୁ ନେଇ ୫ ବର୍ଷ ହେଲା ଅନେକ ବିବାଦ ହେଲାଣି। ଏପରିକି ହାଇକୋର୍ଟରେ ଏକାଧିକ ମାମଲା ବିଚାରାଧୀନ ରହିଛି। ଗତ ମାସରେ ପ୍ରଲିପ୍ରପଲିନ୍ ପରିବହନ ଘଟଣାକୁ ନେଇ ତୈଳ ବିଶୋଧନାଗାର ଆଗରେ ବିବାଦ ହୋଇଥିଲା। ସେତେବେଳେ ଜେସିସିର କେତେଜଣଙ୍କ ଭୁଲ୍ ପାଇଁ ନତମସ୍ତକ ହୋଇଥିଲା। କାରଣ ଜେସିସି କର୍ମକର୍ତ୍ତାମାନେ ନିୟମ କରିଥିଲେ ଯେ, ସେମାନେ ଆଉ ଗାଡି ସଦସ୍ୟ ସଂଖ୍ୟା ବୃଦ୍ଧି କରିବେ ନାହିଁ। ଯେତେବେଳେ ଗାଡି ଆବଶ୍ୟକ ହେବ ସେହି ସଦସ୍ୟମାନେ ସେମାନଙ୍କ ଗାଡି ସଂଖ୍ୟା ବୃଦ୍ଧି କରୁଥିଲେ। ଏପରି ବିବାଦରୁ ଆଉ ୫ରୁ ୬ ମାଲିକ ସଂଘ ହୋଇଛି। କିନ୍ତୁ ପ୍ରମୁଖ ପଣ୍ୟ ପରିବହନ ଜେସିସି ଗାଡି କରୁଥିଲେ। ଅନ୍ୟ ସଂଘ ହେବା, ଏକାଧିକ ମାମଲା ସହ ଏକାଧିକ କାରଣ ଯୋଗୁ ଟ୍ରକ୍ ବେପାର ମାନ୍ଦା ପଡି ଯାଇଛି ବୋଲି କୁହାଯାଉଛି। ଯେଉଁଥିପାଇଁ ଚଳିତବର୍ଷ ବିଶ୍ୱକର୍ମା ପୂଜା ମହୋତ୍ସବରେ ଏହି ୩ ସଂଘ ଭାଗ ନେଇ ନ ଥିଲେ। ଏ ସମ୍ପର୍କରେ ସୁମନ୍ତ କୁହନ୍ତି, ପୂର୍ବ କଥାକୁ ପଛ କରି ଏବେ କିଛି ନୂଆ ନୀତି ଆପଣେଇବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଗହୀରମଥାରୁ ୨ ଟ୍ରଲର ଜବତ, ୨୩ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୮।୧୦(ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ପାଟ୍ରୋଲିଂ ଟିମ୍ ୨ଟି ଟ୍ରଲର ଜବତ କରିବା ସହ ୨୩ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ରାତିରେ ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ ବନବିଭାଗ ଟିମ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଚିଂଚିରି ମୁହାଁଣ ନିକଟରେ ବେଆଇନ ଭାବେ ମାଛ ମାରୁଥିବା




ଦୁଇଟି ଟ୍ରଲରକୁ ପାଟ୍ରୋଲିଂ ଟିମ କାବୁ କରିନେଇଥିଲା। ୨ଟି ଟ୍ରଲର ବାଲେଶ୍ୱର ଅଞ୍ଚଳ ଶାଳିଆ–୨ ଓ ସାଗରକନ୍ୟା–୧୩। ଦୁଇଟି ଟ୍ରଲରରୁ ୨୩ଜଣ ମତ୍ସ୍ୟଜିବୀ ଗିରଫ ହୋଇଥିବା ବେଳେ ୧୮ କୁଇଣ୍ଟାଲ ମାଛ ଜବତ କରାଯାଇଛି। ବିରଳ ଅଲିଭରିଡଲେ କଇଁଛ ଓ ଡଲଫିନଙ୍କ ଏକ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ବର୍ଷତମାମ ମାଛ ଧରା ଓ ପ୍ରବେଶ ଉପରେ କଟକଣା ରହିଛି।

# ମୋ ସେବା କେନ୍ଦ୍ର ଉଦ୍‌ଘାଟିତ

ଆଳି,୧୮।୧୦(ବନମାଳୀ ସେନାପତି)

ସରକାରଙ୍କ ବହୁମୁଖି ସୁବିଧାକୁ ଜନ ସାଧାରଣ ହାତ ପାହାନ୍ତାରେ ପହଞ୍ଚାଇବାକୁ ଓଡ଼ିଶା ସରକାର ମୋ ସେବା କେନ୍ଦ୍ରର ପରିକଳ୍ପନା କରିଥିଲେ। ଏବେ ଏହି କେନ୍ଦ୍ରର ପରିଚାଳକଙ୍କୁ ପଞ୍ଚାୟତ ଅଫିସରେ ଗୃହ ଯୋଗାଇ ଦିଆ ଯାଉଛି। ଏହି ଅବସରରେ




ମୋ ସେବା କେନ୍ଦ୍ର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବୁଧବାର ଆଳି ବ୍ଲକ ବଡ଼ାମ୍ବିଳା ପଞ୍ଚାୟତ କାର୍ଯ୍ୟାଳୟରେ ମୋ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ଯୋଗ ଦେଇ ଲୋକମାନେ ଏହି ସେବାକେନ୍ଦ୍ର ଦ୍ୱାରା କିପରି ଉପକୃତ ହେବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସାମାଜିକକର୍ମୀ ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ବଡାମ୍ବିଳା ପଞ୍ଚାୟତ ସରପଞ୍ଚ ସଚଳା ମହାନ୍ତି, ସମିତି ସଭ୍ୟ ବଂଶୀଧର ପଣ୍ଡା ଏବଂ ମୋ ସେବା କେନ୍ଦ୍ରର ଜିଲା ପରିଚାଳକ ହମଦ ପାତ୍ର ଯୋଗ ଦେଇଥିଲେ। କେନ୍ଦ୍ର ପରିଚାଳକ ଦୀପକ ନାୟକ ଧନ୍ୟବାଦ ପ୍ରଦାନ କରିଥଲେ। ବିଦ୍ୟୁଲତା ରାଉତ, ସ୍ୱାଭିମାନ ଜେନା, ଓମ୍ ପ୍ରକାଶ ରାଉତ, ଶୁଭମ ମହାନ୍ତି,ଶ୍ରଦ୍ଧାଞ୍ଜଳି ନନ୍ଦ,ରାକେଶ ଦାଶ ଓ ନାୟକ ଏଣ୍ଟରପ୍ରାଇଜେସ କର୍ମକର୍ତ୍ତାମାନେ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଭିଏଲଇମାନେ ଯୋଗ ଦେଇଥିଲେ।

# ଦାରୁବିଗ୍ରହପାଇଁପୁରୀରୁଆସିଲାଆଜ୍ଞାମାଳ

### ନୂତନ ବିଗ୍ରହ ଲାଗି ଦାରୁ ଖୋଜା ଆରମ୍ଭ ହେବ

ମହାକାଳପଡ଼ା,୧୮।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ମୁଖ୍ୟାଳୟଠାରୁ କେନାଲ ବନ୍ଧ ଦକ୍ଷିଣ ପାର୍ଶ୍ୱରେ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ମନ୍ଦିରରେ ଦାରୁ ବିଗ୍ରହ ପ୍ରତିଷ୍ଠା ପାଇଁ ପୁରୀରୁ ଆଜ୍ଞାମାଳ ଆସିଛି। ଏହି ଆଜ୍ଞମାଳକୁ ଏକ ସୁସଜ୍ଜିତ ରଥରେ ଅଣାଯାଇଥିଲା। ବୁଧବାର ସନ୍ଧ୍ୟାରେ ଆଜ୍ଞାମାଳ ଆସିଥିବା



ଜଗନ୍ନାଥ ସେବା ସମିତି କର୍ମକର୍ତ୍ତା ପୁରୀରୁ ଆଜ୍ଞାମାଳ ଧରି ଫେରୁଛନ୍ତି।

ରଥ ମହାକାଳପଡ଼ାଠାରେ ପହଞ୍ଚିଛି। ଆଜ୍ଞାମାଳ ପହଞ୍ଚିବା ପରେ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମବାସୀ ସାମିଲ ହୋଇ ସ୍ୱାଗତ କରିଥିଲେ। ଏହି ରଥକୁ ମହାକାଳପଡ଼ା ପଞ୍ଚାୟତ ଗୋପାଳପୁର, ଗୌଡ଼ବାଡ଼ପୁର, ଚଢ଼େଇ ଗୁଆଁ, ପଟଣା, ଜାଲକଣା, ଶିଖର, ମହାକାଳପଡ଼ା, କିଆରବାଙ୍କ, ଗହ୍ମା, ଜଆଁରା ଓ ରାଇଗଡ଼ା ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ଦାରୁବ୍ରହ୍ମ ଖୋଜା ପର୍ବ ଆରମ୍ଭ ହେବ ବୋଲି ବୋଲି ମହାକାଳପଡ଼ା ଜଗନ୍ନାଥ ସେବା ସମିତି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସେବା ସମିତିର ସଦସ୍ୟ କେଶବ ପ୍ରମାଣିକ, ବୈକୁଣ୍ଠ ସ୍ୱାଇଁ, ସରୋଜ ସାହୁ, ଅମିୟ ଚୌଧୁରୀ, ବିଜୟ ନାଥ, ନାରାୟଣ ପଣ୍ଡା, ସୁରଭି ଜେନା, ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

**କନକ ଦୁର୍ଗା ମନ୍ଦିରରେ ନବରାତ୍ର**

ଛତ୍ରପୁର,(ଦିଲୀପ ସାମଲ):ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାକିରିଆ ବ୍ରହ୍ମପୁରରେ ଥିବା ମା କନକ ଦୁର୍ଗାଙ୍କ ମନ୍ଦିରରେ ନବରାତ୍ର ପୂଜା ଚାଲିଛି। ବୁଧବାର ମା' କୁଷ୍ମାଣ୍ଡା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଶ୍ରୀରାମଚନ୍ଦ୍ରପୁର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ ପ୍ରମୁଖ ମାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ।

## ସଂକ୍ଷେପରେ

### ପୋଖରୀରୁ ଜଣଙ୍କ ମୃତଦେହ ଜବତ

ଛତ୍ରପୁର,୧୮।୧୦(ଦିଲୀପ ସାମଲ)

ଛତ୍ରପୁର ଥାନା ଚିକଲଖଣ୍ଡି ପଞ୍ଚାୟତ ପୁରୁଣାପାଟଣା ଗ୍ରାମ ନିକଟ ଶଙ୍ଖବନ୍ଧରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ବଗୁଲି ସାହିର କେ.ସତ୍ୟ ନାରାୟଣ। ମଙ୍ଗଳାର ସେ ଚିକିଲଖଣ୍ଡିରେ ରହୁଥିବା ଶାଳକଙ୍କ ଘରକୁ ଆସିଥିଲେ। ବୁଧବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖାଯାଇଥିଲା। ପୋଖରୀକୁ ଗାଧୋଇବାକୁ ଆସିଥିବା କିଛି ଲୋକ ଏହା ଦେଖି ଛତ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଛତ୍ରପୁର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରି ଛତ୍ରପୁର ମେଡିକାଲକୁ ପଠାଇଥିଲେ। ସେଠାକୁ ସତ୍ୟଙ୍କ ସମ୍ପର୍କିୟମାନେ ଯାଇ ମୃତଦେହ ଚିହ୍ନିଥିଲେ। ଛତ୍ରପୁର ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ୧୫/୨୩ ରୁଜୁ କରିଛି। ବ୍ୟବଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।

### ମନ୍ଦିର ଆଗରେ ଗାଡ଼ି ଧକ୍କାରେ ମହିଳା ମୃତ

ସୋରଡା,୧୮।୧୦(ଲମ୍ବୋଦର ପାଣିଗ୍ରାହୀ):

ସୋରଡ଼ା ପଞ୍ଚାନନ ମନ୍ଦିର ସମ୍ମୁଖରେ ବୁଧବାର ସଂକ୍ରାନ୍ତିରେ ପୂଜା ପରେ ଏକ ପିକ୍‌ଅପ୍ ଭ୍ୟାନକୁ ଚାଳକ ଷ୍ଟାର୍ଟ କରି ହଠାତ୍ ଗଡ଼ାଇ ଦେଇଥିଲେ। ଏହି ସମୟରେ ଗାଡିଟି ମନ୍ଦିରକୁ ପୂଜା କରିବାକୁ ଆସିଥିବା ଜଣେ ମହିଳାଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ପୂଜକ ଆହତ ହୋଇଛନ୍ତି। ମୃତା ମହିଳା ଜଣକ ହେଲେ ବନବିଭାଗର ଗାର୍ଡ ମୋଚିରାମ ବେହେରାଙ୍କ ସ୍ତ୍ରୀ ସବିତା ବେହେରା। ପୂଜକ ସୂର୍ଯ୍ୟ ମହାପାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡ, ଗୋଡ ଓ ହାତରେ ଆଘାତ ଲାଗିଥିବାରୁ ସୋରଡ଼ା ଡକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଭ୍ୟାନ ଧକ୍କାରେ ମନ୍ଦିରର ସମ୍ମୁଖ କାନ୍ଥ ଭାଙ୍ଗିଯାଇଥିବା ବେଳେ ଗୋଟିଏ ବାଇକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସୋରଡ଼ା ଥାନା ଆଇଆଇସି ଅନିଲ କୁମାର ପରିଡା ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଥାନାକୁ ଆଣିଛନ୍ତି । ଚାଳକ ଫେରାର ଅଛନ୍ତି।

### ନୂତନ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଯୋଗଦାନ

ଫିରିଙ୍ଗିଆ,୧୮।୧୦(ବିକ୍ରମ ଦିଗାଲ):

ଫିରିଙ୍ଗିଆ ବ୍ଲକରେ ସମୋବାର ନୂତନ ବ୍ଲକ ଉନ୍ନୟନ ଅଧିକାରୀ ଭାବେ ଅନୁପ ଅଭିଷେକ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଗଜପତି ଜିଲା ଗୁମା ବ୍ଲକରେ ବ୍ଲକ ଉନ୍ନୟନ ଅଧିକାରୀ ଭାବେ ଦୀର୍ଘ ଦୁଇ ବର୍ଷ ଧରି କାର୍ଯ୍ୟ କରୁଥିଲେ। ଫିରିଙ୍ଗିଆ ସାମ୍ବାଦିକ ସଂଘ ପକ୍ଷରୁ ପୁଷ୍ପ ଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଜୁଆ ଆଡ୍ଡାରୁ ୬ ଗିରଫ

ହିଞ୍ଜିଳିକାଟୁ,୧୮।୧୦(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ଆଙ୍କୋରଡା ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ବୁଧବାର ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୧୩ ହଜାର ୪ ଶହ ଟଙ୍କା ଓ ୪ ମୋବାଇଲ ଜବତ କରିଛି।

# ଝାଡୁ ତିଆରି କରି ବିତୁଛି ଜୀବନ

## ଝାଟିମାଟି ଘରେ ୭ ପରିବାର

ଛତ୍ରପୁର,୧୮।୧୦(ସନ୍ତୋଷ ପାଢ଼ୀ)



ଝାଟି ମାଟି ଘର ।

ଚାରି ହାତର ମାଟିଘର ଆଉ ସେଇ ଘରେ ଚାଲିଛି ସଂସାର। ଏହା କେବଳ ଗୋଟିଏ ପରିବାରର କଥା ନୁହେଁ, ଗ୍ରାମରେ ଏମିତି ୭ଟି ପରିବାର ୪ ହାତର ମାଟି ଘରେ ଜୀବନ ବିତାଉଛନ୍ତି । ପକ୍କାଘର ଖଣ୍ଡିଏ ସେମାନଙ୍କ ପାଇଁ ସ୍ୱପ୍ନ ହୋଇଥିବା ବେଳେ ରୋଜଗାର ମଧ୍ୟ ନାହିଁ। ଆଖପାଖ ଅଞ୍ଚଳରୁ ଖଜୁରୀ ଗଛରୁ ଡାଳ କାଟି ଆଣି ଝାଡୁ ତିଆରି କରି ଜୀବନ ବିତାଉଛନ୍ତି । ଗଞ୍ଜାମ ଜିଲା ପୋଡାପଦର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ୭ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି।

ଛତ୍ରପୁରଠାରୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ପୋଡାପଦର ଗ୍ରାମ । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୨୦୦ ମିଟର ଦୂରରେ ମୁଖ୍ୟରାସ୍ତା କଡରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏହି ୭ ଦଳିତ ପରିବାର ରହି ଆସୁଛନ୍ତି । ରୋଜଗାର କହିଲେ ଖଜୁରୀ ଗଛରୁ ଡାଳ କାଟି ଆଣି ସେଥିରୁ ଝାଡୁ ପ୍ରସ୍ତୁତ କରି ବଜାରରେ ବିକ୍ରି କରି ଦୁଇ ପଇସା ଆଣିଲେ ପରିବାର ଗୁଜୁରାଣ ମେଣ୍ଟାନ୍ତି । ସକାଳ ହେଲେ ଆଖପାଖ ଅଞ୍ଚଳରୁ ମହିଳା ଓ ପୁରୁଷ ଦୁହେଁ ମିଶି ଝାଡୁ ତିଆରି କରିବା ପାଇଁ ଖଜୁରୀ ଗଛରୁ ଡାଳ କାଟି ଆଣି ଖରାରେ ଶୁଖାନ୍ତି। ପତ୍ର ଶୁଖିଲା ପରେ ତାହାକୁ ଏକାଠି କରି ଝାଡୁ ପ୍ରସ୍ତୁତ କରନ୍ତି। ଝାଡୁ ପ୍ରସ୍ତୁତ ହେବାକୁ ୪ ଦିନ ଲାଗେ। ବର୍ଷା ଦିନେ ଶୁଖିବାକୁ ଅଧିକ ସମୟ ଲାଗିଥାଏ । ଝାଡୁ ପ୍ରସ୍ତୁତ ହେବା ପରେ ବଜାର କିମ୍ବା ଗ୍ରାମାଞ୍ଚଳରେ ବିକ୍ରି କରିବାକୁ ଯାଆନ୍ତି । ଯଦି ଝାଡୁ ବିକ୍ରି ହେଲା ତ ମାଟି ଘରେ ଚୁଲି ଜଳିବ। ନ ହେଲେ ମାଟି ଘରେ ସାରା ପରିବାର ଭୋକରେ ଶୁଅନ୍ତି। ସେପଟେ ସରପଞ୍ଚ କୁହନ୍ତି ଅନେକ ଥର ବ୍ଲକ ଓ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛି । ମାତ୍ର ୩ କିଲୋ ମିଟର ଦୂରରେ ଜିଲା ପ୍ରଶାସନ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି।

# ଅଟକିଛି ଫତେଗଡ଼-ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ

ଭାପୁର,୧୮।୧୦(ଭରତ କୁମାର ବେହେରା )

ବନବିଭାଗ ଓ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଦୋଷ ଲଦାଲଦି ଯୋଗୁ ଅଟକି ରହିଛି ଫତେଗଡ଼-ଖଣ୍ଡପଡ଼ା ରାସ୍ତା ପ୍ରଶସ୍ତୀକରଣ କାମ। ବନବିଭାଗ କହୁଛି ଚିଠି ଆଜି ପର୍ଯ୍ୟନ୍ତ ପାଇଁ ନାହୁଁ, ପୂର୍ତ୍ତ ବିଭାଗ ପକ୍ଷରୁ ଚିଠି ଦିଆଯାଇଥିବା କୁହାଯାଇଛି। ରାଜ୍ୟ ସରକାର ଗମନାଗମନ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ ରାସ୍ତାକୁ ଉନ୍ନତି କରଣ, ପ୍ରଶସ୍ତୀକରଣ ଓ ମରାମତି ବାବଦରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେଜଣ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ସେଥିରେ ବ୍ୟତିକ୍ରମ ଦେଖା ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଫତେଗଡ଼ ଠାରୁ ଖଣ୍ଡପଡ଼ା ୧୮ କିମି. ରାସ୍ତା ପ୍ରଶସ୍ତୀକରଣ ପାଇଁ ୨୨କୋଟି ଟଙ୍କା ମଞ୍ଜୁର ହୋଇଥିଲା। ବର୍ତ୍ତମାନ ଉକ୍ତ ରାସ୍ତାର ଓସାର ୧୮ଫୁଟ ଥିବାବେଳେ ଆଉ ୬ ଫୁଟ ଓସାର ହେବ। ଅର୍ଥାତ୍ ଉଭୟ ପାର୍ଶ୍ୱରେ ୩ ଫୁଟ ଲେଖାଏଁ ରାସ୍ତା ପ୍ରଶସ୍ତୀକରଣ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୋଷ ଲଦାଲଦି ଯୋଗୁ ରାସ୍ତାର ପ୍ରଶସ୍ତୀକରଣ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଉଛି। ସୂଚନା ଅନୁଯାୟୀ, ପୂର୍ତ୍ତ ବିଭାଗ ରାସ୍ତା ପାଇଁ ଦୀର୍ଘ ମାସ ହେଲା ଆବେଦନ କରିଥିଲେ ହେ ରାସ୍ତା ପାଇଁ ଏନ୍‌ଓସି ମିଳିନାହିଁ । ବନବିଭାଗ ତରଫରୁ ଏନେଇ କୌଣସି ସବୁଜ ସଙ୍କେତ ଦିଆ ନ ଯିବାରୁ ରାସ୍ତା ପ୍ରଶସ୍ତୀକରରଣ କାମ କେବେ ଆରମ୍ଭ ହେବ ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷେ ନୟାଗଡ଼ ଡିଏଫ୍‌ଓଙ୍କ କହିବା କଥା ପୂର୍ତ୍ତ ବିଭାଗ ଆମକୁ କୌଣସି ଚିଠି କରି ନାହାନ୍ତି କିମ୍ବା ସେମାନେ ଚିଠି ପାଇଁ ନାହାନ୍ତି। ଚିଠି ପାଇଲା ପରେ ସେମାନେ ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନେଇ ଗଛ ଚିହ୍ନଟ କରିବେ । ପୂର୍ତ୍ତ ବିଭାଗ ପକ୍ଷରୁ ଚିଠିନଂ. ୪୭୮ ମେ ମାସ ୧୦ ତାରିଖରେ ବନବିଭାଗକୁ କରାଯାଇଛି। ସେମାନେ ଗଛ ଚିହ୍ନଟ କଲାପରେ ରାସ୍ତା ପ୍ରଶସ୍ତୀକରଣ କାମ ହୋଇପାରିବ। ସୂଚନାଯୋଗ୍ୟ, ଏହି ରାସ୍ତା ଉପରେ ପ୍ରତିଦିନ ହଜାରରୁ ଉର୍ଦ୍ଧ୍ୱ ଯାନବାହାନ ଚଳାଚଳ କରିଥାଏ । ଭୁବନେଶ୍ୱରରୁ ଫୁଲବାଣୀ ପର୍ଯ୍ୟନ୍ତ ଯାଇଥିବାରୁ ଏହି ରାସ୍ତାକୁ ଜୀବନ ରେଖା କୁହାଯାଏ । ରାସ୍ତା ପ୍ରଶସ୍ତୀକରଣ କାମ ବିଳମ୍ବ ନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ସନ୍ତୋଷପୁର ଗ୍ରାମରେ ବାଘ ଆତଙ୍କ

ରାୟଗଡ(ଗଜପତି),୧୮।୧୦ (ଜ୍ୟୋତି ପ୍ରସାଦ ପାଣି):

ରାୟଗଡ଼ ବ୍ଲକ ଅଧିନ ମହେନ୍ଦ୍ରଗିରି ବନାଞ୍ଚଳ ଗଣ୍ଡାହାତୀ ପଞ୍ଚାୟତ ସନ୍ତୋଷପୁର ଗ୍ରାମରେ ବାଘ ଆତଙ୍କ ଦେଖାଦେଇଛି। ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଗ୍ରାମର ନୃସିହ ନାୟକଙ୍କ ଗୁହାଳରେ ଗାଈ ବନ୍ଧା ହୋଇଥିବା ବେଳେ ରାତ୍ର ସମୟରେ କୌଣସି ଏକ ଅଜଣା ଜନ୍ତୁ ଗାଈକୁ ଘୋଷାଡ଼ି ଘୋଷାଡ଼ି ଟାଣି ନେଇ ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲ ଲଟାରେ ଖାଇ ଦେଇଥିବା ଜଣାପଡ଼ିଛି। ବୁଧବାର ସକାଳୁ ଗୁହାଳରେ ଗାଈ ନଥିବା ଦେଖି ଖୋଜା ଖୋଜି କରିବା ପରେ ସେଠାରେ ଜନ୍ତୁର ବଡ଼ ବଡ଼ ପାଦ ଚିହ୍ନ ପଡ଼ିଥିବା ଦେଖି ତାହାକୁ ଅନୁସରଣ କରି ଅଧା ଖାଇ ଛାଡି ଯାଇଥିବା ଗାଈର ମୃତ ଦେହକୁ ଠାବ କରିଥିଲେ। ଏହାକୁ ଦେଖି ଗାଁ ଲୋକେ ଜନ୍ତୁଟି ବାଘ ଆଶଙ୍କା କରି ଭୟଭୀତ ହୋଇ ରହିଛନ୍ତି। ବାଘ ଗାଁ ରେ ପଶି ଗାଈ ଖାଇ ଦେଇଥିବା ଖବର ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇ ରହିଛନ୍ତି। ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ତାହା ବାଘ ନା କୌଣସି ଅଜଣା ଜନ୍ତୁ ତାହା ଚିହ୍ନଟ ହେଲେ ସ୍ପଷ୍ଟ ଜଣାପଡିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ତୁରନ୍ତ ବନ ବିଭାଗ ଅଜଣା ଜନ୍ତୁକୁ ଚିହ୍ନଟ କରି ନୃସିଂହଙ୍କୁ କ୍ଷତି ପୂରଣ ଦେଇ ଜନ୍ତୁକୁ ଘଉଡ଼ାଇବାକୁ ସାଧାରଣରେ ଦାବି ହେଉଛି।

# ଅବ୍ୟବସ୍ଥାରେ ସୁରଭି କାର୍ଯ୍ୟକ୍ରମ

ନୟାଗଡ଼,୧୮ ।୧୦(ଲୋକନାଥ ମିଶ୍ର):

ନୟାଗଡ଼ ବ୍ଲକର ବାଉଁଶିଆପଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ୧୫ଟି କ୍ଲଷ୍ଟରରୁ ଜୁନିୟର ଓ ସିନିୟର ବିଭାଗର ୧୫୦ ଛାତ୍ରୀଛାତ୍ର ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବନ୍ଧ, ସଙ୍ଗୀତ, ପ୍ରବନ୍ଧ, ହସ୍ତାକ୍ଷର ଲିଖନ ପରି ପ୍ରତିଯୋଗିତାରେ ଭାଗ ନେଇଥିଲେ । ତେବେ କାର୍ଯ୍ୟକ୍ରମ ପାଇଁ ସ୍ୱଳ୍ପ ନିମନ୍ତ୍ରଣ ପତ୍ର ଛପା ଯାଇଥିବାର ଦର୍ଶାଇ ହ୍ୱାଟସ୍ ଅପ୍‌ରେ ମେସେଜ କରି ଯୋଗ ଦେବାକୁ କୁହାଯାଇଥିଲା । ଗଣମାଧ୍ୟମର ପ୍ରତିନିଧିଙ୍କୁ ନିମନ୍ତ୍ରଣ ପତ୍ର ଦିଆ ଯାଇ ନ ଥିଲା କି ସୂଚନା ଦିଆଯାଇ ନଥିଲା । ନିକଟସ୍ଥ ବ୍ଲକ ଓଡ଼ଗାଁ, ରଣପୁରରେ ନିମନ୍ତ୍ରଣ ପତ୍ର ବାଣ୍ଟିବା ପାଇଁ ଅର୍ଥର ଅସୁବିଧା ନ ଥିବାବେଳେ ନୟାଗଡ଼ ବ୍ଲକରେ ଅର୍ଥାଭାବ ଦେଖାଇ ନିମନ୍ତ୍ରଣ ପତ୍ର ନ ବାଣ୍ଟିବା ଅସନ୍ତୋଷ ସୃଷ୍ଟି କରିଛି । ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ଅବ୍ୟବସ୍ଥା ବାରି ହୋଇ ପଡୁଥିଲା । ଦାୟିତ୍ୱରେ ଥିବା କେତେଜଣ କର୍ମଚାରୀ ନିଜର ଦାୟିତ୍ୱ ଠିକରେ ନ ତୁଲାଇ ସବୁ କିଛି ଠିକ୍ ଚାଲିଥିବା କହିବା ପରେ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଦେଖା ଦେଇଥିଲା । କାର୍ଯ୍ୟକ୍ରମ ପାଇଁ ୨୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ନୟାଗଡ ବ୍ଲକରେ ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିପାରିଲା ନାହିଁ ବୋଲି ଅଭିଯୋଗ ହୋଇଛି । ଏନେଇ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ କୁହନ୍ତି, ସୁରଭି କାର୍ଯ୍ୟକ୍ରମ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା । କେତେଜଣ ଦାୟିତ୍ୱକୁ ଠିକରେ ପାଳନ ନ କରି ସବୁ ଠିକ୍ କହିବା ପରେ ଗଣମାଧ୍ୟମର ପ୍ରତିନିଧିମାନେଅଣଦେଖା ହୋଇଛନ୍ତିବୋଲି କୁହାଯାଉଛି । ମୁଁ ନୂଆ କରି କାର୍ଯ୍ୟରେ ଯୋଗ ଦେଇଛି । ଆର ବର୍ଷକୁ ଆଉ ଅସୁବିଧା ହେବନି ବୋଲି ସେ କହିଛନ୍ତି ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ



କୃତୀ ପ୍ରତିଯୋଗୀ ।

ଫୁଲବାଣୀ, ୧୮।୧୦(ରାକେଶ କୁମାର ରାଉତ)

ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ୧୧ ଶିଶୁ ଯତ୍ନ ଅନୁଷ୍ଠାନରୁ ପ୍ରାୟ ୩୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣଜ୍ଞାନ, ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଅଧ୍ୟକ୍ଷ ଈଶ୍ୱର ପଟେଲ, ଡେପୁଟି କଲେକ୍ଟର ଦୀପ୍ତିମୟୀ ପ୍ରଧାନ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ରଜତ କୁମାର ଦିଗାଲ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଜୟଶ୍ରୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ୍, ଶିଶୁ ମଙ୍ଗଳ ସମିତିର ସଦସ୍ୟ ସଦାଶିବ ପାତ୍ର, ପ୍ରସନ୍ନ ବିଶୋଇ, ମମତା ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ୫୪୯ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ ଓ ଗଙ୍ଗାଧର ପରିଧାନ ଯୋଜନାରେ ସାମିଲ



ପୋଷାକ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ ।

ଖଣ୍ଡପଡ଼ା,୧୮।୧୦(ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ଓ ଗଙ୍ଗାଧର ପରିଧାନ ଯୋଜନାରେ ପ୍ରଥମରୁ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପୋଷାକ ବିତରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସମୁଦାୟ ୫୪୯ ଜଣ ଛାତ୍ରୀଛାତ୍ରଙ୍କୁ ନୂତନ ପୋଷାକ, ଜୋତା, ପରିଚୟପତ୍ର ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ଚୌଧୁରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସଦସ୍ୟଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରମାନଙ୍କୁ ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ବିଦ୍ୟାଳୟରେ ଅଧ୍ୟୟନରତ ୯ମ ଓ ୧୦ମ ଶ୍ରେଣୀର ୨୧୭ ଜଣ ଛାତ୍ରୀଛାତ୍ର ଙ୍କୁ ରାଜ୍ୟ ସରକାରଙ୍କର ନୂତନ ଯୋଜନାକ୍ରମେ ବିଦ୍ୟାଳୟର ପ୍ରଥମରୁ ୮ମ ଶ୍ରେଣୀର ୩୩୨ ଜଣ ଛାତ୍ରୀଛାତ୍ରଙ୍କୁ ମାଗଣା ପୋଷାକ ବିତରଣ କରାଯାଇଛି।

ଗଙ୍ଗାଧର ପରିଧାନ ଯୋଜନାରେ ୧ମରୁ ୮ମ ଶ୍ରେଣୀ ଛାତ୍ରଙ୍କୁ ନୀଳ ରଙ୍ଗର ପ୍ୟାଣ୍ଟ ଓ ଧଳା ସାର୍ଟ ଦିଆଯାଇଥିବା ବେଳେ ପ୍ରଥମରୁ ୫ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀମାନଙ୍କୁ ନୀଳ ରଙ୍ଗର ଫର୍କ ଏବଂ ୬ଷ୍ଠରୁ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ମାନଙ୍କୁ ନୀଳ କମିଜ ଓ ଧଳା ସାଲୁଆର ବିତରଣ କରାଯାଇଛି । ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନାରେ ୯ମ ଓ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କୁ ୪ଟି ଦଳରେ ବିଭକ୍ତ କରାଯାଇ ୪ଟି ରଙ୍ଗର ଟି- ସାର୍ଟ ବ୍ୟାଡିଂ ସହିତ ଗୋଟିଏ ଲେଖାଏ ଟ୍ରାକ ପ୍ୟାଣ୍ଟ ପ୍ରଦାନ କରାଯାଇଛି । ତେବେ ସରକାରୀ ନିର୍ଦ୍ଦେଶ କ୍ରମେ ସମସ୍ତ ପିଲାମାନଙ୍କୁ ଜୁନ ୩୦ ତାରିଖ ସୁଦ୍ଧା ପୋଷାକ ଓ ଏକ ହଳ କଳା ଜୋତା ଓ ୨ହଳ ମୋଜା ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି ।

# ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି।

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା):୧୮।୧୦

ପାରଳାଖେମୁଣ୍ଡି ସ୍ଥିତ ଅର୍ବନ ପଡିଆଠାରେ କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣକୁ ନେଇ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠିତ ହୋଇଥିବା ଆଲୋଚନା ଚକ୍ରକୁ ପାରଳା ବିଧାୟକ କେ ନାରାୟଣ ରାଓ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା। ସେଠାରେ ମୁଖ୍ୟତଃ ପରିବେଶ ସୁରକ୍ଷା ମନୁଷ୍ୟ ସମାଜ ପାଇଁ କେତେ ଆବଶ୍ୟକ ସେ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ଭାବେ ଜଳର ସଂରକ୍ଷଣ ମନୁଷ୍ୟ ପାଇଁ କେତେ ଉପଯୋଗୀ ସେହି ଉପରେ ମଧ୍ୟ ଆଲୋଚନା କରାଯାଇ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ୯ବର୍ଷର ସେବା, ସୁଶାସନ ଏବଂ ବିଭିନ୍ନ ଗରିବ କଲ୍ୟାଣ ଯୋଜନା କିପରି ଭାବରେ ସଫଳ ରୂପାୟନ ହୋଇ ପାରିଛି ସେହି ବିଷୟରେ ବିଧାୟକ ରାଓ ଜନସାଧାରଣଙ୍କୁ ସଚେତନ କରିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ଅରୁଣ କୁମାର ସାହୁ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରକାର ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ: ନୃତ୍ୟ, ସଙ୍ଗୀତରେ ଦୁଲୁକିଲା ମଞ୍ଚ

**ଛତ୍ରପୁର,୧୮।୧୦(ଦିଲୀପ ସାମଲ)**

ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛତ୍ରପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି –୨୦୨୩' ଏବଂ ଓଡିଶା ମିଲେଟ ମିଶନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ପୌରହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଚିଦାନନ୍ଦ ଦିବ୍ୟଧାମର ପ୍ରତିଷ୍ଠାତା ବିପ୍ର ଚରଣ ପାତ୍ର, ଏବିଇଓ ଘନଶ୍ୟାମ ପଣ୍ଡା, ସୁଧାଂଶୁବାଳା ପଟ୍ଟନାୟକ ଓ ଗୀତାଞ୍ଜଳି ପଟ୍ଟନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ଦ୍ୱାରିକାନାଥ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାଷ ଜେନା ପ୍ରମୁଖ ଯୋଗଦେଇଥିଲେ।

**କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ସରକାରୀ ବାଳିକା ବିଦ୍ୟାଳୟଠାରେ ବ୍ଲକ ସ୍ତରୀୟ ଶିଶୁମହୋତ୍ସବ ଓ ଓଡ଼ିଶା ମିଲେଟ ମିଶନ ପ୍ରତିଯୋଗିତାକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ସମ୍ମାନିତ ଅତିଥି ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ସମସ୍ତ ଏବିଇଓ, ସମସ୍ତ ସିଆର୍‌ସିସି ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନର ଉଦ୍‌ଯାପନୀରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଏବିଇଓ ଲକ୍ଷଣ ଜେନା ଉପସ୍ଥିତ ଥିଲେ।



ଦାରିଙ୍ଗବାଡିଠାରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି।

**ଧରାକୋଟ,(ବିଷ୍ଣୁ କେଶରୀ ଆଚାର୍ଯ୍ୟ)–** ଧରାକୋଟ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମରେ ବିଇଓ ଲିଙ୍ଗରାଜ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ତହସିଲଦାର କବିରାଜ ପ୍ରଧାନ, ମୁଖ୍ୟବକ୍ତା ଭାବରେ ଡାଇଟ ଖଲ୍ଲିକୋଟର ଶିକ୍ଷା ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ସ୍ୱତନ୍ତ୍ର ଅତିଥି ଅରୁଣ ପ୍ରସାଦ ପାଢ଼ୀ ଉପସ୍ଥିତ ଥିଲେ।

**ରାଇକିଆ(ପ୍ରଦୀପ ବେହେରା):** ରାଇକିଆରେ ସୁରଭି ଉଦ୍‌ଯାପିତ ହୋଇଯାଇଛି। ବିଇଓ ହାଡ଼ିବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତା କରିଥିଲେ। ରାଇକିଆ ବିଡିଓ ସୀମାଞ୍ଚଳ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ ଯୋଗ ଦେଇ ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁପୁରସ୍କୃତ କରିଥିଲେ। ଏବିଇଓ ସାରଥୀ କହଁର, ଧନେଶର ଖୁଣ୍ଟିଆ ସହଯୋଗ କରିଥିଲେ ।

**ଦାରିଙ୍ଗବାଡି(ଅରୁଣ ସାହୁ):** ଦାରିଙ୍ଗବାଡି ବିଇଓଙ୍କ କାର୍ଯ୍ୟାଳୟ ପରସରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଇଓ ରସାନନ୍ଦ କରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିଡିଓ ଗଦାଧର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ,ଏବିଓ ଉପେନ୍ଦ୍ର କୁମାର ଉତ୍ତର କବାଟ,ଗୋକୁଳ ଚନ୍ଦ୍ର ନାୟକ, ରାପଡ଼ାବାଡ଼ି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚାରୁଶିଳା ମଲ୍ଲିକ, ତକ୍ସାଳ ଏବିଓ ସୁବାସିନି ଦିଗାଲ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦନେକବାଡ଼ି ସିଆରସିସି ରମାକାନ୍ତ ଦିଗାଲ ଓ ସିଆଙ୍ଗବାଲି ସିଆରସିସି କଇନ ପ୍ରଧାନ ସଂଯୋଜନା କରିଥିଲେ।

**ବୁଗୁଡ଼ା,(କାଳି ଚରଣ ଦାଶ):** ବୁଗୁଡ଼ାରେ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ଚିନ୍ମୟ ମହାପାତ୍ର ଅଧ୍ୟକ୍ଷତା କରିଥିଲେ।

**ଖଲ୍ଲିକୋଟ(ପ୍ରଶାନ୍ତ କୁମାର ମିଶ୍ର):** ଖଲ୍ଲିକୋଟ ଶ୍ରୀ ମର୍ଦ୍ଦରାଜ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନଙ୍କ ପୌରୋହିତ୍ୟରେ ହୋଇଥିବା ସୁରଭି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ବ୍ଲକ ବିଡ଼ିଓ ବିକ୍ରମ କୁମାର ଦୋରା, ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଅଭିରାମ ବିଶ୍ୱାଳ ପ୍ରମୁଖ ଏହାକୁ ଉଦଘାଟନ କରିଥିଲେ।

**ଆସିକା(ସୁରେନ୍ଦ୍ର ନାଥ ସାହୁ):** ଆସିକା ଏନ୍‌ଏସିର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୁରଭି ଓ ମିଲେଟ କାର୍ଯ୍ୟକ୍ରମକୁ ବିଇଓ ମୁନରାଣୀ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଏବଂ ସମ୍ମାନିତ ଅତିଥି ଭାବେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ବିଡିଓ ଫକୀର ଚରଣ ପରିଡ଼ା, ଏମ୍‌ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଅନିମା ପରିଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ପାତ୍ର ଯୋଗଦେଇଥିଲେ ।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)–** ବେଲଗୁଣ୍ଠା ବିଇଓ ପ୍ରସନ୍ନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବେଲଗୁଣ୍ଠା ସ୍ଥିତ ଘୁମୁସର ବୈଷୟିକ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହେଲା ଆମ୍ବୁଲାନ୍ସ, ୨ ଗୁରୁତର



ପାଣିକୋଇଲି,୧୮।୧୦(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁରସ୍ଥିତ ଟାଟା ମୋଟର୍ସ ସମ୍ମୁଖରେ ବୁଧବାର ଭୋର ୪ଟା ସମୟରେ ଏକ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତରଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଫାର୍ମାସିଷ୍ଟ ତପନ ପରିଡ଼ା ଓ ଖଲାସୀ ସୁଜିତ କୁମାର ବଡ଼ଜେନା। ଆମ୍ବୁଲାନ୍ସ ଚାଳକ ସଦାଶିବ ଜେନା ସାମାନ୍ୟ ଆହତ ହୋଇଛନ୍ତି।

ସୂଚନା ମୁତାବକ, କଟକରୁ ରୋଗୀ ଛାଡ଼ି ଫେରୁଥିବା ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ୧୦୮ ଆମ୍ବୁଲାନ୍ସ (ଓଡି-୦୨-ବିଜେ-୨୬୭୨) ଆଗରେ ଯାଉଥିବା ଏକ ଦଶ ଚକିଆ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଦୁର୍ଘଟଣା ପରେ ଟ୍ରକଟି ଦ୍ରୁତ ଗତିରେ ପଳାଇଥିଲା। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଥିଲା।

### ହାଇଲେଭଲ କେନାଲରେ ବୁଡ଼ି ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା,୧୮।୧୦(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଗଙ୍ଗାଧରପୁର ପଞ୍ଚାୟତ ପଲାର ଗ୍ରାମ ନିକଟ ହାଇଲେଭଲ କେନାଲରେ ବୁଧବାର ବୁଡ଼ିଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର କୈଳାସ ଦେଉରୀ(୪୬)। କୈଳାସ ଅପରାହ୍ନ ୨ଟାରେ ବିଲକାମ ସାରି ନିକଟସ୍ଥ ହାଇଲେଭଲ କେନାଲରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ ଚଳାଇଛି। ଏନେଇ ନଂ.୨୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ କୈଳାସ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଓ ଆବାସ ଯୋଗାଇ ଦେବାକୁ ଯୁବନେତା ସଦାନନ୍ଦ ନାୟକ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ୫୬ ବର୍ଷରେ ଚୋରଦା ସାର୍ବଜନୀନ ଦୁର୍ଗାପୂଜା

- ୨୩ ହଜାର ଟଙ୍କାରେ ପୂଜା ଆରମ୍ଭ ହୋଇଥିଲା
- ଚଳିତ ବର୍ଷ ୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ହେବ ପୂଜା

ଯାଜପୁରରୋଡ୍,୧୮।୧୦ (ପବିତ୍ର ରଞ୍ଜନ ମହାନ୍ତି): ଆଜିର ବ୍ୟାସନଗର ପୌର ପରିଷଦ ସେ ସମୟର ଯାଜପୁରରୋଡ୍ ବିଜ୍ଞାପିତ ଅଞ୍ଚଳ ପରିଷଦ ନାମରେ ପରିଚିତ ଥିଲା। ବଜାର କହିଲେ ଷ୍ଟେଶନ ବଜାର, ସାହୁ ମାର୍କେଟ ଓ ଚୋରଦା ମୁଖ୍ୟ ରାସ୍ତାରେ କିଛି ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିଥିଲା। ପୂର୍ବରୁ କେବଳ ସହରର ପି.କେ. ମଲିକ ରାଇସମିଲଠାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଏହାର ୨୭ ବର୍ଷ ପରେ ଅର୍ଥାତ ୧୯୬୭ରେ ସହରର ଚୋରଦାସ୍ଥିତ କଣ୍ଟିଗାଡ଼ିଆଠାରେ ଦ୍ୱିତୀୟ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ଏହି ପୂଜା ୫୬ ବର୍ଷରେ ପଦାର୍ପଣ କରିଛି। ପୂଜା ପାଇଁ ଗତବର୍ଷ ୩ ଲକ୍ଷ ୫୦ ହଜାର ଟଙ୍କାବ୍ୟୟ ଅଟକଳ ଥିବାବେଳେ ଚଳିତ ବର୍ଷ ୪ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ହୋଇଥିବା କମିଟି ପକ୍ଷରୁ କୁହାଯାଇଛି।

ଏକଦା ସୁକିନ୍ଦାର ଟମକାସ୍ଥିତ ଖଣ୍ଡୁରୀ ମନ୍ଦିରରେ ନନ୍ଦରାମ ଅନ୍ତରାମ ପରିବହନ କମ୍ପାନୀର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଶେଖବୀର ସିଂ ନାମକ ଜଣେ କମ୍ପାନୀ ଅଧିକାରୀ ବୈଠକରେ ଉପସ୍ଥିତ ଥିବା ଚୋରାଦାର ଗିରିଧାରୀ ବାରିକଙ୍କୁ ଯାଜପୁରରୋଡ୍‌ରେ ଦୁର୍ଗାପୂଜା କରିବାକୁ ପରାମର୍ଶ ଦେବାସହ



ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି।



ପ୍ରଥମ ଶତାୟୁ ଉଦ୍ୟୋକ୍ତା ଗିରିଧାରୀ ବାରିକ



ସତ୍ୟଜିତ ପରିଡ଼ା, ସଭାପତି



ଜୀବନ ବାରିକ, ସମ୍ପାଦକ

୭ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏକଥା ସେ ଚୋରଦାର ସ୍ୱର୍ଗତ ଗଙ୍ଗାଧର ବଳ, ବାସୁଦେବ ମହାନ୍ତି, ସହଦେବ ବଳ, କାଳନ୍ଦୀ ସ୍ୱାଇଁ, ଯୋଗୀ ମଲିକ ଓ ସୁନାକାର ବାରିକ ପ୍ରମୁଖଙ୍କ ସହ ପରାମର୍ଶ କରିବା ସହ ପୂଜା ଆରମ୍ଭ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ସମୁଦାୟ ୨୩ ହଜାର ଟଙ୍କା ଆର୍ଥିକ ସହଯୋଗରେ ପ୍ରଥମ କରି ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ମା'ଙ୍କ ପୂଜାବିଧି ବିଷୟରେ ସ୍ୱର୍ଗତ ଅନାମ ପଣ୍ଡା ଓ ଗଣେଶ ମିଶ୍ର ବୈଦିକ ରୀତିନୀତି ଅନୁଯାୟୀ ପରାମର୍ଶ ଦେବାସହ ପୂଜାକାର୍ଯ୍ୟ ବହୁ ବର୍ଷ ପର୍ଯ୍ୟନ୍ତ ତୁଲାଇଥିଲେ। ବାଉଁଶ, ପାଲ ସାହାଯ୍ୟରେ ଠାକୁରଙ୍କ ଘର ନିର୍ମାଣ କରାଯାଇ ପେଟ୍ରୋମାକ୍ସ ଆଲୋକ ସାହାଯ୍ୟରେ ପୂଜା ଆରମ୍ଭ କରାଯାଇଥିଲା। ଷଷ୍ଠୀଠାରୁ ପୂଜା ଆରମ୍ଭ ହୋଇ ଏକାଦଶୀରେ ମା'ଙ୍କ ଭସାଣି ଅନୁଷ୍ଠିତ ହୋଇଥାଏ।

ବହୁବର୍ଷ ଧରି ରୁଢ଼ିଆସ୍ଥିତ ବୈତରଣୀ ଘାଟରେ ମୂର୍ତ୍ତି ବିସର୍ଜନ ହୋଇ ଆସୁଥିବାବେଳେ ବର୍ତ୍ତମାନ ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ହେଉଛି। କମିଟିରେ ସଭାପତିଭାବେ ସତ୍ୟଜିତ ପରିଡ଼ା ଓ ସମ୍ପାଦକ ଭାବେ ଜୀବନ ବାରିକ କାର୍ଯ୍ୟ ତୁଲାଉଛନ୍ତି। ମୂର୍ତ୍ତି, ତୋରଣ, ଆଲୋକ ସଜ୍ଜା ସହ ସମସ୍ତ ନୀତିକାନ୍ତି ଓ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥାଏ। ଅର୍ଥ ଅଭାବରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପାରୁନାହିଁ। କର୍ତ୍ତାଭାବେ ପ୍ରଭାତ କୁମାର ସିଂ ଶସ୍ତ୍ରିକ କାର୍ଯ୍ୟ ତୁଲାଇ ଆସୁଛନ୍ତି। ପୂର୍ବତନ ଏମ୍‌ପି ମୋହନ ଜେନା ଏମ୍‌ପି ପାଣ୍ଠିରୁ ମା'ଙ୍କ ମଣ୍ଡପ ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। କମିଟିର ସଦସ୍ୟ ମନୋଜ ବାରିକ ମା'ଙ୍କ ରୂପାର ଏକ ମୁକୁଟ ପ୍ରଦାନ କରିଥିବାବେଳେ ଜଣେ ଭକ୍ତ ସୁନାର ପତାକା କମିଟିକୁ ଦାନ କରିଥିବା କମିଟିର ପୂର୍ବତନ ସଭାପତି ଅମିୟ ବାରିକ କହିଛନ୍ତି। ପ୍ରଥମ ଉଦ୍ୟୋକ୍ତା ଶତାୟୁ ଗିରିଧାରୀ ବାରିକ ଥିବାବେଳେ ତାଙ୍କ ନାତି ଜୀବନ ସମ୍ପାଦକଭାବେ ଦାୟିତ୍ୱରେ ଅଛନ୍ତି। ଉକ୍ତ ପରିବାରର ତିନି ପିଢ଼ି ମା'ଙ୍କ ସେବାରେ ବର୍ତ୍ତମାନ ସୁଧା ନିୟୋଜିତ ଅଛନ୍ତି।

## ମଣ୍ଡଳସ୍ତରୀୟ ସୁରଭି, ମିଲେଟ୍ ପ୍ରତିଯୋଗିତା

ଝୁମ୍ପୁରୀ,୧୮।୧୦(ସରୋଜ ନାୟକ): ଦଶରଥପୁର ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ୍ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ତହସିଲଦାର ବିକ୍ରମ କିଶୋର ପରିଡ଼ା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଦଶରଥପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କ୍ରାନ୍ତିକୁମାରୀ ସ୍ନିଗ୍ଧା ସଂଘମିତ୍ରା ଜେନା, ମଣ୍ଡଳ ସହ-ଶିକ୍ଷାଧିକାରୀ ସାବିତ୍ରୀ ସେଠୀ, ଅଜିତ କୁମାର ଜେନା, ନୃସିଂହ ଚରଣ ମହାନ୍ତି, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର କୁମାର ରାୟ ଓ ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ମିଲେଟ୍ ପ୍ରତିଯୋଗିତାରେ ୧୦ ଇଭେଣ୍ଟ ଥିବାବେଳେ ବ୍ଲକସ୍ଥ ୧୭ଟି କ୍ଲଷ୍ଟରର ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ପ୍ରତି ଇଭେଣ୍ଟର ପ୍ରଥମ କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ସିଆର୍‌ସିସି ଜୟଦେବ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଆର୍‌ସିସି କବିତାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।




ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ଅଙ୍ଗନୱାଡି କର୍ମୀଙ୍କ ଘରେ ଶିଶୁ ଶ୍ରମିକ

ଜଳେଶ୍ୱର, ୧୮।୧୦(ରବିନାରାୟଣ ପାତ୍ର)-ଜଳେଶ୍ୱର ବ୍ଲକ ଅଧୀନ ବାଣିଦା ୧୧ନଂ. ୱାର୍ଡରେ ଅଙ୍ଗନୱାଡି କର୍ମୀଙ୍କ ଘରେ ଜଣେ ଶିଶୁ ଶ୍ରମିକ କାମ କରୁଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଆସୁଥିଲେ। ଗତ ୩ମାସ ଧରି ଏହି ନାବାଳକଙ୍କୁ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଘରୋଇ କାର୍ଯ୍ୟରେ ନିୟୋଜିତ କରିଥିଲେ। ଏନେଇ ଗ୍ରାମବାସୀ ଜଳେଶ୍ୱର ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲାନି। ଫଳରେ ସୁଗୋ ସରପଞ୍ଚ ଜୟନ୍ତୀ ପରିଡା ଜିଲା ଚାଇଲ୍ଡ ଲାଇନ୍ ସଦସ୍ୟ ପ୍ରିୟରଞ୍ଜନ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୁଧବାର ଚାଇଲ୍ଡଲାଇନ୍‌ର ମାନିକଲାଲ ସାହୁ ଓ ଦେବକୃଷ୍ଣ ଦେ ଘଟଣାସ୍ଥଳକୁ ଆସି ନାବାଳକଙ୍କୁ ଉଦ୍ଧାର କରିଛନ୍ତି ।

### ୨ ଅତିରିକ୍ତ ତହସିଲଦାରଙ୍କ ବଦଳି

ଚଣ୍ଡିଖୋଲ,୧୮।୧୦(ପ୍ରଦୀପ୍ତ କୁମାର ପୃଷ୍ଟି): ଦର୍ପଣ ତହସିଲରେ କାର୍ଯ୍ୟ କରି ଆସୁଥିବା ୨ ଅତିରିକ୍ତ ତହସିଲଦାରଙ୍କୁ ରାଜ୍ୟ ସରକାର ମଙ୍ଗଳବାର ଅନ୍ୟତ୍ର ବଦଳି କରିଛନ୍ତି। ସେମାନଙ୍କ ସ୍ଥାନରେ ଜଣେ ମହିଳା ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତି କରାଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ କାର୍ଯ୍ୟରତ ନିରଞ୍ଜନ ଗୁରୁଙ୍କୁ ଭଣ୍ଡାରିପୋଖରୀର ଅତିରିକ୍ତ ତହସିଲଦାର ଏବଂ ଗଗନ ବିହାରୀ ଦାଶଙ୍କ ବିଭାଗ ପରିବର୍ତ୍ତନ କରି ନଗର ଉନ୍ନୟନ ବିଭାଗର ଏକ୍‌ଜିକ୍ୟୁଟିଭ ଅଫିସର ଭାବେ ବଦଳି କରାଯାଇଛି। କିନ୍ତୁ ଏହି ଦୁଇ ଅଧିକାରୀଙ୍କ ସ୍ଥାନରେ କେବଳ ପଟ୍ଟାମୁଣ୍ଡାଇର ଅତିରିକ୍ତ ତହସିଲଦାର ଡଳିମଣି ଟୁଡୁଙ୍କୁ ଏଠାରେ ନିଯୁକ୍ତି ମିଳିଛି। ଏହାକୁ ଦେଖିଲେ ତହସିଲକୁ ନିଜକାର୍ଯ୍ୟ ପାଇଁ ପ୍ରତ୍ୟହ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଜନତା ଆଗାମୀ ଦିନରେ ବହୁ ଅସୁବିଧା ଭୋଗ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତହସିଲ ଅଞ୍ଚଳରେ ଲଘୁ ଖଣିଜ ଲୁଟ ଉପରେ ଅଙ୍କୁଶ ଲଗାଇବାକୁ ଲଗାତାର ଚଢ଼ାଉ କରି ଏଠାରୁ ବଦଳି ହୋଇଥିବା ଗୁରୁ ଏବଂ ଦାଶ କିଛି ମାତ୍ରାରେ ସଫଳ ହୋଇଥିଲେ। ଦଶହରା ପରେ ବେଆଇନ ଭାବେ ମାଙ୍କଡ଼ା ପଥର, ମୋରମ ଓ ନଦୀ ବାଲି ଲୁଟ କରିବାକୁ ଯୋଜନା କରି ରଖିଥିବା ମାଫିଆଙ୍କ ପାଇଁ ଏବେ ସୁଯୋଗ ସୃଷ୍ଟି ହୋଇଛି। ତେଣୁ ଯାଜପୁର ଜିଲାପାଳ ଆଉ ଜଣେ ପୁରୁଷ ଅତିରିକ୍ତ ତହସିଲଦାରଙ୍କୁ ନିଯୁକ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଫଟୋଗ୍ରାଫର ସଂଘର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଫଟୋଗ୍ରାଫର ସଂଘର ସଦସ୍ୟମାନେ।

ଯାଜପୁରସଦର,୧୮।୧୦ (ସମର ବିଜୟ ଶରଣ): ଯାଜପୁର ବ୍ଲକ ଅନ୍ତର୍ଗତ ବରୁହାଁ ନିକଟ ମା'ତରାଦେବୀ କଲ୍ୟାଣ ମଣ୍ଡପଠାରେ ଜିଲା ଫଟୋଗ୍ରାଫର ସଂଘର ୪ର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିସହିତ ପଦାଧିକାରୀ ଚୟନ କରାଯାଇଛି। ଉତ୍ସବରେ ଜିଲାର ୨୦୦ରୁ ଊର୍ଦ୍ଧ୍ୱ ଫଟୋଗ୍ରାଫର ଯୋଗ ଦେଇଥିଲେ। ନୂତନ ଭାବେ ପ୍ରଭାସ ମଲିକଙ୍କୁ ସର୍ବସମ୍ମତି କ୍ରମେ ସଭାପତି, ପ୍ରଶାନ୍ତ ମିଶ୍ରଙ୍କୁ ସମ୍ପାଦକ, କାଜଲ କୁମାର ରାମ ଓ ଅଶ୍ୱିନୀ କୁମାର ସାହୁ ଉପସଭାପତି, ସାଇସୁନ୍ଦର ରାୟ କୋଷାଧ୍ୟକ୍ଷ, ଯୁଗ୍ମ ସମ୍ପାଦକ ଭାବେ ହୃଷୀକେଶ ଦାଶ, ସ୍ମୃତିରଞ୍ଜନ ଜେନା, ପ୍ରତାପ ଷେଣ୍ଟ ଓ ମାନସ ରଞ୍ଜନ ରାଉତଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ଜୋନ୍‌ର ଜୋନାଲ ହେଡ୍‌ଭାବେ ସ୍ମୃତିରଞ୍ଜନ ଜେନା, ଉମେଶ ଚନ୍ଦ୍ର ପଲେଇ, ପ୍ରବୀଣ କୁମାର ଷେଣ୍ଟ, ଜିତେନ୍ଦ୍ର ସାହୁ, କିଶୋର କୁମାର ସ୍ୱାଇଁ, କମଲ କୁମାର ରାମ, ପ୍ରେମାଂଶୁ ମୋହନ ଦାସ, ମାନସ ରଞ୍ଜନ ନାୟକ, ପ୍ରଦୀପ କୁମାର ନାୟକ, ଅକ୍ଷୟ ମହାନ୍ତି, ସାଗର ସାହୁ, ଅନୁପମ ପଣ୍ଡା, ମୁନା ସାହୁ, ମାନସ ରଞ୍ଜନ ରାଉତ, ସୁଜିତ କୁମାର ବାଇ, କିଶୋର ଚନ୍ଦ୍ର ନାୟକ, ଖୁଜିରାମ ପଣ୍ଡା, ଅଶ୍ରୁମୋଚନ ବେହେରା, ଦେବୀ ପ୍ରସାଦ ଦାଶ, ସତ୍ୟରଞ୍ଜନ ଦାଶ, ସରୋଜ ସାହୁ, ସନ୍ତୋଷ ମୁଦୁଲି, ବିଭୂତି ଭୂଷଣ ସାହୁ, ବଳରାମ ସାହୁ, ମାନସ କୁମାର ଦାସ ଓ ଚିନ୍ମୟ ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଭାଇଚାରା, ପରୋପକାର ଓ ଫଟୋଗ୍ରାଫି ମାଧ୍ୟମରେ ସଚେତନତା ଏବଂ ସମାଜସେବା ଆଦି ସଂଘର ମୋଟୋ ରହିବ ବୋଲି ସଭାପତି ଓ ସମ୍ପାଦକ ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି।

### କେନାଲରେ ପାଣି ଆସୁନି, ଚାଷୀ ହତାଶ

ଚଣ୍ଡିଖୋଲ,୧୮।୧୦(ପ୍ରଦୀପ୍ତ କୁମାର ପୃଷ୍ଟି) ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦରେଶ୍ୱର, ପଲେଇ, ବରଦା ଓ ବାଲି ପଡ଼ିଆ ମୌଜାକୁ ଯାଇଥିବା ୭(ଏ)୧ ଶାଖା କେନାଲରେ ପାଣି ଆସୁନାହିଁ। ଫଳରେ ଚାଷୀମାନେ ହତାଶ ହୋଇଥିବା ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରିଥିବା ଶାଖା କେନାଲ ୭(ଏ)୧ ଉପରେ ୪ ଗ୍ରାମର ଚାଷୀ ନିର୍ଭର କରିଥାନ୍ତି। ବର୍ଷା ନ ଥିବାବେଳେ କେନାଲରେ ଠିକ ପରିମାଣର ପାଣି ନ ଆସିବାରୁ ଏହା ଚାଷ ଜମିକୁ ଉଠୁନି। ସେଥିପାଇଁ ଖରିଫ ଧାନ ଫସଲ ମରିବା ଆରମ୍ଭ କରିଛି। ତେଣୁ ଜଳସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ପାଣି ଛାଡ଼ିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀମାନେ କହିଛନ୍ତି, ଜମିକୁ ପାଣି ଯାଇ ନ ଥିଲେ ମଧ୍ୟ ପ୍ରତ୍ୟେକ ବର୍ଷ ହଜାରହଜାର ଟଙ୍କା ଜଳକର ଦେଉଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଖଲାସୀମାନେ ପ୍ରତ୍ୟେକ ସ୍ଥାନରେ ସଜାଗ ଅଛନ୍ତି। ଯଦି କୌଣସି ସ୍ଥାନରେ ପାଣି ଯାଉ ନ ଥିବ ତୁରନ୍ତ ପାଣି ଯିବାର ବ୍ୟବସ୍ଥା କରାଯିବ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପାଣିକୋଇଲି,୧୮।୧୦(ବିକାଶ ମଲ୍ଲିକ): ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରେଇ ବିଡିଓଙ୍କୁ ଏକ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଓ ଶ୍ରୀଧର ଦାସଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓ ଦାବିପତ୍ର ଗ୍ରହଣ କରିଛନ୍ତି। ଏଥିରେ ବାର୍ଦ୍ଧକ୍ୟ ଭତ୍ତା ୨ ହଜାରକୁ ବୃଦ୍ଧି କରିବା, ସମସ୍ତ ବରିଷ୍ଠ ନାଗରିକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଗରିବ ଲୋକଙ୍କୁ ୫ କିଲୋ ଚାଉଳ ପରିବର୍ତ୍ତେ ମୁଣ୍ଡପିଛା ମାସିକ ୧୦ କେଜି ଚାଉଳ ପ୍ରଦାନ, ମୋ ବସ ଭଳି ସମସ୍ତ ସରକାରୀ ଓ ବେସରକାରୀ ବସରେ ସାରା ରାଜ୍ୟରେ ବରିଷ୍ଠ ନାଗରିକଙ୍କୁ ରିହାତି ପ୍ରଦାନ, ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ଓ ପ୍ରତ୍ୟେକ ବରିଷ୍ଠ ନାଗରିକ ସଙ୍ଗଠନକୁ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଜାଗା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଚକ୍ରଧର ସାହୁ, ସନାତନ ବିଶ୍ୱାଳ, ରଘୁନାଥ ମାଝି, ଚନ୍ଦ୍ରମଣି ସ୍ୱାଇଁ, ରାମକୃଷ୍ଣ ମଲିକ, ଜଗନ୍ନାଥ ମାଝି, ଗୌରାଙ୍ଗ ବାରିକ, ବୃନ୍ଦାବନ ଜେନା, ନାରାୟଣ ଚନ୍ଦ୍ର ସାହୁ, ଅଭିରାମ ବାରିକ, ମୁରଲୀ ଖଣ୍ଡାଇ, ଅକ୍ଷୟ ସ୍ୱାଇଁ, ଫକୀର ମହାପାତ୍ର, ତ୍ରୈଲୋକ୍ୟ ମହାପାତ୍ର, ସୁରେନ୍ଦ୍ର ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

## ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ଆବଶ୍ୟକତା ରହିଛି

### 'ଯାଜପୁର ମାଟିର ମହକ' ପୁସ୍ତକ ଲୋକାର୍ପିତ

ଚଣ୍ଡିଖୋଲ,୧୮।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି): ସମୟର ପରିବର୍ତ୍ତନ ସହ ଡିଜିଟାଲ ଗଣମାଧ୍ୟମ ଲୋକଙ୍କ ହାତରେ ରହିଛି। ବୈଦ୍ୟୁତିକ ଗଣମାଧ୍ୟମ ଲୋକଙ୍କ ନିକଟତର ହୋଇଥିଲେ ମଧ୍ୟ ଏବେବି ଖବରକାଗଜର ଚାହିଦା ରହିଛି। ବିଭିନ୍ନ ଖବର ପାଇଁ ପ୍ରତ୍ୟେକ ବ୍ୟକ୍ତି ଦୈନିକ ସକାଳେ ଖବରର ସବିଶେଷ ବିବରଣୀ ଜାଣିବା ପାଇଁ ଖବରକାଗଜ ଉପରେ ନିର୍ଭର କରିଥାନ୍ତି। ଖବରକାଗଜର ବିଶ୍ୱସନୀୟତା ବୃଦ୍ଧି ପାଇଛି। ପୂର୍ବରୁ ଖବରଦାତାମାନେ ଖବର ପରିବେଷଣ ପାଇଁ ବହୁ କଷ୍ଟ ସ୍ୱୀକାର କରୁଥିବାବେଳେ ଏବେ ସହଜ ଓ ସରଳ ହୋଇଛି। ଯେଉଁ ମୂଲ୍ୟବୋଧ ଥିଲା ସେଥିରେ ଅବକ୍ଷୟ ହୋଇଛି। ତେଣୁ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଆଜିର ସମାଜ ପାଇଁ ଆବଶ୍ୟକତା ରହିଛି ବୋଲି ଯାଜପୁର ଜିଲାର ବରିଷ୍ଠ ଖବରଦାତା ହୃଷୀକେଶ ଜେନାଙ୍କ କର୍ମଜୀବନୀ ଉପରେ ଆଧାରିତ ପୁସ୍ତକ 'ଯାଜପୁର ମାଟିର ମହକ' ଲୋକାର୍ପଣ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଚଣ୍ଡିଖୋଲ ପ୍ରେସ୍‌କ୍ଲବ ପରିସରରେ ଅଖିଳ ଚକ୍ର ପକ୍ଷରୁ ଆୟୋଜିତ ପୁସ୍ତକ ଲୋକାର୍ପଣ ଉତ୍ସବ ଓ ଭବିଷ୍ୟତର ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ପ୍ରେସ୍‌କ୍ଲବ ପ୍ରତିଷ୍ଠାତା ସଭାପତି ନିର୍ମଳ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ପୁସ୍ତକର ଆଲେଖ୍ୟ ଓ ପ୍ରସ୍ତୁତିକୁ ନେଇ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ପ୍ରେସ୍‌କ୍ଲବ ସମ୍ପାଦକ ଦିଲୀପ କୁମାର ମହାନ୍ତି। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର, ଉତ୍କଳ ସାମ୍ବାଦିକ ସଂଘ ସମ୍ପାଦକ ବେଣୁଧର ପଣ୍ଡା, ମହେଶ୍ୱର ବଳ, ପ୍ରାଧ୍ୟାପକ ବସନ୍ତ କୁମାର ନାୟକ, ଆଡ୍‌ଭୋକେଟ ବୃନ୍ଦାବନ କର, ଅଭିମନ୍ୟୁ ଧଳ, ପ୍ରଦୀପ୍ତ କୁମାର ପୃଷ୍ଟି, ପ୍ରଭାତ କୁମାର ମହାନ୍ତି, ଆଶୁତୋଷ ପରିଡ଼ା, ହୃଦାନନ୍ଦ ଜେନା, ମୋହନ ଖିଲାର ଓ ଶିବରାମ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମରେନ୍ଦ୍ର ମହଲା, ପ୍ରଶାନ୍ତ କୁମାର ଜେନା, ହେମେସ ଜେନା, ଅଜୟ କୁମାର ଦାସ, ଦିଲୀପ କୁମାର ସାହୁ ଓ ସୁରେନ୍ଦ୍ର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରସନ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ପୁସ୍ତକ ଲୋକାର୍ପଣ ଉତ୍ସବ ଓ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ମା’ ସିଦ୍ଧିଦାତ୍ରୀଙ୍କର କୁଷ୍ମାଣ୍ଡା ମାତା ବେଶ



ନାଉଗାଁ,୧୮।୧୦(ସୁଧା ବେହୁରା)
ଜଗତ୍‌ସିଂହପୁର ଜିଲା ସରୋମ୍ବୋସ୍ଥିତ ମା’ ସିଦ୍ଧିଦାତ୍ରୀଙ୍କର ଶାରଦୀୟ ପାର୍ବଣର ଦଶମ ଦିବସ ତଥା ନବରାତ୍ରି ପୂଜାର ୪ର୍ଥ ଦିବସରେ ମା’ଙ୍କୁ କୁଷ୍ମାଣ୍ଡା ମାତା ବେଶରେ ସଜ୍ଜିତ କରାଯାଇଥିଲା। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଉକ୍ତ ପୂଜା କରାଯାଉଥିବା ବେଳେ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

ମାଲକାନଗିରି, ୧୮।୧୦(ଦୁର୍ଯ୍ୟୋଧନ ପାତ୍ର)
ମାଲକାନଗିରି ଜିଲା ବାଲିମେଳା ଅଞ୍ଚଳର ଧରିତ୍ରୀ ଖବରଦାତା ଶିବଦତ୍ତ ସାହୁଙ୍କ ପିତା ସୁବାସ ଚନ୍ଦ୍ର ସାହୁଙ୍କର ମଙ୍ଗଳବାର ରାତି ପ୍ରାୟ ୧ଟାରେ ପରଲୋକ ଘଟିଛି। ସ୍ୱର୍ଗତ ସାହୁ ୧୫।୧୨।୧୯୪୮ରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କଷଣଅଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ବାଲିମେଳା ଜଳବିଦ୍ୟୁତ୍ ପ୍ରକଳ୍ପରେ ସହକାରୀ ଫୋରମ୍ୟାନ୍ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କଲାପରେ ବାଲିମେଳାରେ ସପରିବାର ବସବାସ କରୁଥିଲେ । ସ୍ୱର୍ଗତ ସାହୁ ଏକାଧାରରେ ଜଣେ ସୁଦକ୍ଷ କଳାକାର ଓ ବାଦ୍ୟକାର ମଧ୍ୟ ଥିଲେ। ଜଣେ ସମାଜସେବୀ ହିସାବରେ ବାଲିମେଳା



ଅଞ୍ଚଳରେ ତାଙ୍କର ପରିଚିତି ଥିଲା। ଦୀର୍ଘ ବର୍ଷ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ମୃତ୍ୟୁରେ କାଳୀଛକ ବଣିକ ସଂଘର ସମସ୍ତ ବ୍ୟବସାୟୀ, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର ଓ ସମସ୍ତ କର୍ମକର୍ତ୍ତା ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ଉଦୟ ବିହାର, ନୁହେଁ କାହାର

- ମୌଳିକ ସୁବିଧା ପାଇଁ ପଞ୍ଚାୟତ, ପୌରପାଳିକା, ବ୍ଲକ ଧାଉଁଛନ୍ତି
- ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି
- ପୌରପାଳିକା ସୀମା ମଧ୍ୟରେ ଏହି କଲୋନି ରହିଛି
- ସୀମା ନିର୍ଦ୍ଧାରଣ ହୋଇପାରୁନାହିଁ
- ଜିଲାପାଳଙ୍କୁ ଦାବିପତ୍ର




ପାରାଦୀପ,୧୮।୧୦(ଶରତ ରାଉତ)
ପାରାଦୀପର ପ୍ରବେଶପଥ ଦୋଛକି ପାଖରେ ରହିଛି ଉଦୟବିହାର କଲୋନି। ୫୩ ନଂ. ଜାତୀୟ ରାଜପଥ ପାଖରେ ଏହି କଲୋନି ୨୦ବର୍ଷ ହେଲା ହେଲାଣି। ଭୌଗୋଳିକ ଅବସ୍ଥିତି ପାରାଦୀପ ପୌରପାଳିକା ମଧ୍ୟରେ ରହିଛି। କିନ୍ତୁ ସରକାରୀ ନଥିପତ୍ରରେ ତାହା ନୂଆଗଡ ପଞ୍ଚାୟତ ଅଧୀନରେ ଯାଉଛି। ସେଠାରେ ବସବାସ କରୁଥିବା ପ୍ରାୟ ୨ ହଜାରରୁ ଅଧିକ ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ପାରାଦୀପ ପୌରପାଳିକା ମଧ୍ୟରେ ଭୋଟର ତାଲିକା ମଧ୍ୟରେ ଅଛନ୍ତି। ଆଉ ଅର୍ଦ୍ଧେକ ପଞ୍ଚାୟତ ଭୋଟର ତାଲିକାରେ ରହିଛନ୍ତି। ଉକ୍ତ କଲୋନିରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଅଧିକାଂଶ ସ୍ୱଚ୍ଛଳ ବର୍ଗରେ ଯାଉଛନ୍ତି। କାରଣ ପାରାଦୀପ ବନ୍ଦର ଚାକିରିରୁ ଅବସର ନେଇଥିବା ଅଧିକାଂଶ ଲୋକ ସେଠାରେ ଜାଗା କିଣି ଘରବାଡି କରି ରହୁଛନ୍ତି। କିନ୍ତୁ ସେଠାକାର ମୌଳିକ ସମସ୍ୟା ରାସ୍ତା, ପାନୀୟଜଳ ଯୋଗାଣ, ସରକାରୀ ଯୋଜନା, ସ୍କୁଲ ଆଦି ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନାହିଁ। ଯେଉଁଥିପାଇଁ ଉଦୟବିହାର ଉନ୍ନୟନ କମିଟି ୪ ବର୍ଷ ହେଲା ଦ୍ୱୈତ ପ୍ରଶାସନ (କୁଜଙ୍ଗ ବ୍ଲକ ଓ ପାରାଦୀପ ପୌରପାଳିକା) ପାଖରେ ଦାବି କରୁଛନ୍ତି। କିନ୍ତୁ ତାଙ୍କର ରାସ୍ତା ନିର୍ମାଣ କାମ ହେଉନାହିଁ। ଏମିତି ଅନେକ ଅଭିଯୋଗ କରିବା ପରେ ଶେଷରେ ୫-ଟି ସଚିବଙ୍କ ଜୁନ୍ ୨୯ରେ ଜଣାଇଥିଲେ। ସଚିବ ମଧ୍ୟ ତତ୍କାଳ ପଦକ୍ଷେପ ନେବା ପାଇଁ ଜଗତ୍‌ସିଂହପୁର ଜିଲା ପ୍ରଶାସନକୁ ଲେଖିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଗତ ୨୩।୮।୨୦୨୩ରେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତଙ୍କୁ ଉଦୟବିହାର କମିଟି ସମ୍ପାଦକ ଶିବ ବିଶ୍ୱାଳ, ନବଘନ ପରିଡା, ଟୁନିଲତା ବଳ, ଧରଣୀଧର ମହାପାତ୍ର, ବୁବୁନା ତାରଣିଆ, କାହ୍ନୁ ମଲ୍ଲିକ ପ୍ରମୁଖ ଲିଖିତ ଭାବେ (ଚିଠି ନଂ. ୬୭୬)ଜଣାଇ ଥିଲେ। ଏହାର ଉତ୍ତରରେ ଉଦୟବିହାର କଲୋନିର ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ପୌରପାଳିକା କରି ପାରିବ ନାହିଁ। କାରଣ ଏହା ପୌରପାଳିକା ସୀମା ବହିର୍ଭୁକ୍ତ । ଏପରି ଚିଠି ପାଇବା ପରେ କଲୋନି କମିଟି ବୁଧବାର ଜଗତ୍‌ସିଂହପୁର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛି। ସେଥିରେ ଦର୍ଶାଯାଇଛି, ୨ ବର୍ଷ ହେଲା ଅନେକ ଥର ଆମ ଅଭିଯୋଗ ଦେବାପରେ ମଧ୍ୟ କୌଣସି ସମାଧାନ ହେଉନାହିଁ। ତେଣୁ ଆସନ୍ତା ୧୫ଦିନ ପରେ କୁଜଙ୍ଗ ବିଡିଓଙ୍କ



କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ଓ ଶିଳ୍ପ ସଂସ୍ଥା ବୃଦ୍ଧି ହେବା ପରେ ପୌରପାଳିକା ସୀମା ନିର୍ଦ୍ଧାରଣ ଓ ସମ୍ପ୍ରସାରଣ ପାଇଁ ସରକାରୀ ଭାବେ ୨୦୧୪ରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏପରିକି ୨୦୧୮ରେ ପୌରପାଳିକା ମଧ୍ୟରେ ଇଫ୍‌କୋ, ଏଏମ୍‌ଏନ୍‌ଏସ୍, ତୈଳ ବିଶୋଧନାଗାର, ଉଦୟବିହାର କଲୋନି, ମୂଷାଡିଆ, ବିଜୟଚାନ୍ଦପୁର,ଚନକଣ, ଉଦୟବଟ ଧାମ ମିଶ୍ରଣ ପାଇଁ ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଉଦ୍ୟମ କରିଥିଲେ। ସେତେବେଳେ ନୂଆଗଡ ପଞ୍ଚାୟତର କେତେଜଣ ଲୋକ ବିରୋଧ କରି ହାଇକୋର୍ଟରେ ଅଭିଯୋଗ କରିବା ପରେ ତାହା ବନ୍ଦ ରହିଛି। ସେବେଠାରୁ ପୌରପାଳିକା ସମ୍ପ୍ରସାରଣ ପ୍ରସଙ୍ଗ ଆଉ ଆସିନାହିଁ। ରାଜନୈତିକ ହସ୍ତକ୍ଷେପ ମଧ୍ୟ କେତେକାଂଶରେ ରହିଥିବା ଜଣାଯାଏ। ପାରାଦୀପରୁ ଭିତରଗଡ ପର୍ଯ୍ୟନ୍ତ ପୌରପାଳିକା ସୀମା ରହିଛି। ପିପିଏଲ ଛକ ପରେ ଉଦୟବିହାର ତା’ ପରେ ଭିତରଗଡ। କିନ୍ତୁ ଉଦୟବିହାର ନୂଆଗଡ଼ ପଞ୍ଚାୟତ ଅଧୀନରେ ରହିଛି। ସେହିପରି ପାରାଦୀପଗଡ଼ ପଞ୍ଚାୟତ ଅଧୀନର ରହିଛି ଚନକଣ ଗ୍ରାମ। ଯାହା ପାରାଦୀପର ଷଣ୍ଢକୁଦ ବସ୍ତି ପାଖରେ। ସେହି ଚନକଣ ଗଡ଼ ପଞ୍ଚାୟତର ୨୫ ନଂ. ୱାର୍ଡ ରହିଛି। ଚନକଣ ଲୋକେ ସେମାନଙ୍କ ମୌଳିକ ସୁବିଧା ପାଇଁ ପାରାଦୀପ ସହର ଅତିକ୍ରମ କରି ଗଡ ପର୍ଯ୍ୟନ୍ତ ଯାଇଥାନ୍ତି। ଯାହାର ଦୂରତା ପ୍ରାୟ ୨୦ କିମି। ସେହିପରି ବିଜୟଚାନ୍ଦପୁର ବସ୍ତି ଅଠରବାଙ୍କି ଲକପଡା ପାଖରେ। ପାରାଦୀପ ପୌରପାଳିକା ୨ ନଂ. ୱାର୍ଡ ସୀମା ମଧ୍ୟରେ ରହିଛି। କିନ୍ତୁ ସେହି ବସ୍ତି ନୂଆଗଡ ପଞ୍ଚାୟତ ଅଧୀନରେ ରହିଛି। ଏମିତି ଅନେକ ତାରତମ୍ୟ ବସ୍ତି କଲୋନିରେ ରହିଛି। ଯେଉଁଥିପାଇଁ କେତେଜଣ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ବେଳେ ଆଉ ଅନ୍ୟ ଲୋକ ଦ୍ୱୈତ ଶାସନର ଫାଇଦା ନେଉଛନ୍ତି। ଯଥା ରାଶନକାର୍ଡ ୨ ଜାଗାରେ ଦର୍ଶାଇ ସୁବିଧା ନେଉଛନ୍ତି। ଦୁଇ ସ୍ଥାନରେ ଅଲଗା ଅଲଗା ସମୟରେ ଭୋଟ ଦେଉଛନ୍ତି। ଏହାର ସୀମା ନିର୍ଦ୍ଧାରଣ ସମସ୍ୟା ସମାଧାନ ପାଇଁ ଉଦୟବିହାର କଲୋନି ବାସିନ୍ଦା ପ୍ରୟାସ ଜାରି ରଖିଛନ୍ତି। ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତଙ୍କୁ ପଚାରିବାରେ ଉକ୍ତ କଲୋନି ରାସ୍ତା ଓ ଡ୍ରେନ ପାଇଁ ଆମେ ମଧ୍ୟ ଅନେକ ଥର ପ୍ରସ୍ତାବ ଦେଲୁଣି। କିନ୍ତୁ ପଞ୍ଚାୟତ ପାଇଁ ଆସୁଥିବା ବଜେଟ ମଧ୍ୟରେ ତାହା ସମ୍ଭବ ହେଉନାହିଁ ବୋଲି ସେ କହିଛନ୍ତି। ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ପଚାରିବାରେ ଯେହେତୁ ଆମ ସୀମା ମଧ୍ୟରେ ତାହା ଯାଉନି ସେଠାରେ କିଛି କରି ପାରୁନାହିଁ ବୋଲି ସେ ମଧ୍ୟ କହିଛନ୍ତି।

# ଶିକ୍ଷାର ମାନ ବୃଦ୍ଧି ପାଇଁ ଦାୟିତ୍ୱବାନ୍ ହେବାକୁ ପଡ଼ିବ



ବୈଠକରେ ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନର ଅଧ୍ୟକ୍ଷା ସୁସ୍ମିତା ବାଗଚୀ, ଜିଲାପାଳ ପାରୁଲ ପଟାୱାରୀ ଓ ଅନ୍ୟମାନେ।

**ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନ ଅଧ୍ୟକ୍ଷାଙ୍କ ଜଗତ୍‌ସିଂହପୁର ଗସ୍ତ**

ଜଗତ୍‌ସିଂହପୁର, ୧୮।୧୦
(ପ୍ରମୋଦ କୁମାର ନାୟକ)
ଶିକ୍ଷାର ମାନକୁ ଉନ୍ନତ କରି ଭବିଷ୍ୟତର ଦାୟଦଙ୍କୁ ଗଢି ତୋଳିବାକୁ ହେବ। ଏ ନେଇ ପ୍ରତ୍ୟେକ ଦାୟିତ୍ୱବାନ ହେବାକୁ ପଡିବ। ମୋ ସ୍କୁଲ ଅଭିଯାନ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉଛନ୍ତି। ଅଭିଯାନ ଅନ୍ତର୍ଗତ ପ୍ରତ୍ୟେକ ବିଦ୍ୟାଳୟକୁ ଉନ୍ନତ କରିବା ପାଇଁ ଏହାର ଅଂଶୀଦାର ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ଯୋଡିବା ପାଇଁ ଉଦ୍ୟମ ହେଉଛି। ସେମାନଙ୍କ ସହଭାଗିତା ରହିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। କେବଳ ପାଣ୍ଠି ଯୋଗାଡ଼ ହୋଇଗଲେ ହେବ ନାହିଁ। ସେବା ଓ ଉପଯୁକ୍ତ ବିନିଯୋଗ ମାଧ୍ୟମରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ହେବ। ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନର ଅଧ୍ୟକ୍ଷ ସୁସ୍ମିତା ବାଗଚୀ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ କାର୍ଯ୍ୟକାରୀ ହେଉଥିବା ମୋ ସ୍କୁଲ ଅଭିଯାନର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବେଳେ ଏହା କହିଛନ୍ତି। ଜଗତ୍‌ସିଂହପୁର ଜିଲାର ଗାରିମା ବଖାଣି କହିଥିଲେ, ଏ ହେଉଛି ଆଦିକବି ସାରଳା ଦାସଙ୍କ ମାଟି, ଶିକ୍ଷାର ପୀଠ। ସବୁଠାରୁ ଭଲ କଥା ହେଲା ଜଗତ୍‌ସିଂହପୁର ସମେତ କେନ୍ଦ୍ରାପଡ଼ା ଜିଲାର ପ୍ରତ୍ୟେକ ବ୍ଲକରେ ମୋ ସ୍କୁଲ ଅଭିଯାନ ପହଞ୍ଚି ପାରି ଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟାୱରୀ କହିଥିଲେ, ଜିଲାରେ ୩ଟି ପର୍ଯ୍ୟାୟରେ ୧୯୬ଟି ହାଇସ୍କୁଲ ରୂପାନ୍ତରୀକରଣ ହୋଇପାରିଛି। ୪ର୍ଥ ପର୍ଯ୍ୟାୟରେ ଅବଶିଷ୍ଟ ୫୭ଟି ସ୍କୁଲ ରୂପାନ୍ତରିକରଣ କାର୍ଯ୍ୟ ଚାଲୁ ରହିଛି। ଅଭିଯାନରେ ୨୫୪ଟି ମାଧ୍ୟମିକ, ୮୬୫ ପ୍ରାଥମିକ ଓ ୩୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେଥି ମଧ୍ୟରୁ ୨୫୪ଟି ମାଧ୍ୟମିକ ଓ ୬୩୮ ପ୍ରାଥମିକ ବିଦ୍ୟାଳୟକୁ ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ବୃକ୍ଷରୋପଣ ଅଭିଯାନରେ ୨୫୪ଟି ମାଧ୍ୟମିକ, ୮୬୫ଟି ପ୍ରାଥମିକ ଓ ୨୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସାମିଲ କରାଯାଇଛି। ଜିଲାର ୩୧ଟି ବିଦ୍ୟାଳୟରେ ହାଇଭାଲ୍ୟୁ ପ୍ରୋଜେକ୍ଟ ଆରମ୍ଭ ହୋଇଥିବାବେଳେ ସେଥିମଧ୍ୟରୁ ୧୮ଟିରେ କାର୍ଯ୍ୟ ପୂର୍ଣ୍ଣ ହୋଇପାରିଛି। ମୋ ସ୍କୁଲ ଅଭିଯାନରେ ୧୭୪୮ଟି ପ୍ରକଳ୍ପ ନିମନ୍ତେ ପୂର୍ବତନ ଛାତ୍ରୀଛାତ୍ର (ଆଲୁମ୍ନି) ୮,୭୪,୪୬,୬୨୯ ଟଙ୍କା ଅର୍ଥଦାନ କରିଥିବା ଜିଲାପାଳ କହିଥିଲେ। ବୈଠକରେ ହାଉସ ସିଷ୍ଟମ, କ୍ଲବ, ଜିଜ୍ଞାସା, ସାହିତ୍ୟ, ସୃଜନୀ, କୌଶଳି, କ୍ରୀଡା ଗାଁ, ହାଇଭାଲ୍ୟୁ ପ୍ରୋଜେକ୍ଟ ଉପରେ ପାୱାର ପଏଣ୍ଟ ମାଧ୍ୟମରେ ସବିଶେଷ ଉପସ୍ଥାପନ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଓ କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଅଧିକାରିଣୀ ଶୁଭଲକ୍ଷ୍ମୀ ନାୟକ ଜିଲାର ବିଭିନ୍ନ ବ୍ଲକରେ ବିଦ୍ୟାଳୟଗୁଡିକର ୫-ଟି ରୂପାନ୍ତରିକରଣ ତଥା ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଅଭିଯାନ ସ୍ୱତନ୍ତ୍ର ଦଳ, ଉଭୟ ଜିଲାର ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାଗଚୀ ବିରିଡ଼ିସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ ଓ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଅଭିଯାନର ଅଗ୍ରଗତି ସମ୍ପର୍କରେ ବୁଝିଥିଲେ।

# ପ୍ରଭୁ କୁଞ୍ଜ ବିହାରୀଙ୍କ ସ୍ନାନ ମଣ୍ଡପ, ଆନନ୍ଦ ବଜାର, ଯଜ୍ଞମଣ୍ଡପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଲାଗି ପୂଜାର୍ଚ୍ଚନା ଚାଲିଛି।

କୁଜଙ୍ଗ,୧୮।୧୦ (ମନୋଜ ପ୍ରଧାନ)
କୁଜଙ୍ଗର ଆରାଧ୍ୟ ଦେବତା ଗଡକୁଜଙ୍ଗସ୍ଥିତ ପ୍ରଭୁ କୁଞ୍ଜ ବିହାରୀଙ୍କ ନିମନ୍ତେ ନୂତନ ଭାବେ ସ୍ନାନ ମଣ୍ଡପ, ଯଜ୍ଞ ମଣ୍ଡପ, ରୋଷଘର ଓ ଆନନ୍ଦ ବଜାର ନିର୍ମିତ ହେବ। ଏଥି ନିମନ୍ତେ ବୁଧବାର ମନ୍ଦିରର ପରିଚାଳନା ସଭାପତି ରାଜେନ୍ଦ୍ର ବେହେରା, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଯନ୍ତ୍ରୀ ବିନୟ କୁମାର ସାହୁ ଓ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆଙ୍କ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨କୋଟି ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପ୍ରଭୁ କୁଞ୍ଜବିହାରୀଙ୍କ ପୀଠର ଉନ୍ନତୀକରଣ କରାଯାଉଥିବାରୁ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଖେଳିଯାଇଛି। ପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତଙ୍କ ଗହଣରେ ଭିତ୍ତିପ୍ରସ୍ତର କାର୍ଯ୍ୟ ସମାପନ କରାଯାଇଛି। ମନ୍ଦିର ପରିସର ଉଜ୍ଜ୍ୱଳ ଆଲୋକୀକରଣ ନିମନ୍ତେ ସୋଲାର ଲାଇଟ, ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ଓ ପଦପ୍ରକ୍ଷାଳନର ବ୍ୟବସ୍ଥା କରାଯିବ ବୋଲି ସରପଞ୍ଚଙ୍କ ପ୍ରତିନିଧି ଖଟୁଆ କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ନିର୍ମାଣ ଦାୟିତ୍ୱ ନେଇଥିବା ଜଗନ୍ନାଥ କନ୍‌ଷ୍ଟ୍ରକଶନର ପରିଚାଳନା ନିର୍ଦ୍ଦେଶକ ପ୍ରତି ରଞ୍ଜନ ସେନାପତି, ପୂର୍ବତନ ସରପଞ୍ଚ ସମ୍ପଦ ବାରିକ, ମନ୍ଦିର ପରିଚାଳନା ସମିତି ସମ୍ପାଦକ ପୀତାମ୍ବର ରାଉତ, ପରିଚାଳନା କମିଟି ସଭ୍ୟ ବିଜୟଚାନ୍ଦ ନାୟକ, ଶିକ୍ଷାବିତ୍ ଧୀରେନ୍ଦ୍ର ସାହୁ, ସାମାଜିକ କର୍ମୀ ସଞ୍ଜୟ ମହାପାତ୍ର, ସମିତିସଭ୍ୟ ତପନ ସାମଲ, ମନୋଜ ମାଝି, ଭୋଳାନାଥ ସ୍ୱାଇଁ ଓ ସୁରେନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ନାଉଗାଁ ବ୍ଲକରେ ଗଡ଼ିଲା ଶିକ୍ଷା ସଚେତନତା ରଥ

ନାଉଗାଁ,୧୮।୧୦(ସୁଧା ବେହୁରା)
ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ବୁଧବାର ଶିକ୍ଷା ସଚେତନତା ରଥ ବାହାରି ଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାମଦେବ ସ୍ୱାଇଁ ଉକ୍ତ ରଥକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ରଥ ବ୍ଲକରେ ୧୮ ଅକ୍ଟୋବରରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟକୁ ବୁଲିବ। ଉକ୍ତ ରଥ ନାଉଗାଁ ହାଟରୁ ବାହାରି ପଞ୍ଚାୟତ ବାଣୀପୀଠ ଓ ପରେ କଣ୍ଟୁଣିଆହାଟ ନୋଡାଲ ସରକାରୀ ବିଦ୍ୟାଳୟକୁ ଯାଇଥିଲା। ରଥ ବିଦ୍ୟାଳୟରେ ପହଞ୍ଚିବା ପରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ପିଲାମାନେ ରଥକୁ ସ୍ୱାଗତ କରିବେ। ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶାନୁସାରେ ଯେଉଁମାନେ ବିଦ୍ୟାଳୟରୁ ଅଧାରୁ ପାଠ ଛାଡି ଘରେ ରହିଛନ୍ତି ସେମାନଙ୍କୁ ଏହି ରଥ ମାଧ୍ୟମରେ ସଚେତନତା କରାଯାଉଛି। ସେହି ପିଲାମାନେ ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ମୁକ୍ତ ବିଦ୍ୟାଳୟରେ ପୁନର୍ବାର ପାଠ ପଢ଼ିବାର ସୁଯୋଗ ପାଇ ପାରିବେ ବୋଲି ଅତିରିକ୍ତ ଶିକ୍ଷାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।




ଶିକ୍ଷା ରଥକୁ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସ୍ୱାଗତ ଜଣାଉଛନ୍ତି।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ



ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇଥିବା ଅଭିଭାବକମାନେ।

- ୩ଦଫା ଦାବି ପୂରଣ ପାଇଁ ଅଭିଭାବକ ବସିରହିଲେ
- ଜାମୁଗାଁ ପଞ୍ଚାୟତ କଣ୍ଟୁଣିଆ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

ନାଉଗାଁ,୧୮।୧୦(ସୁଧା ବେହୁରା)
ନାଉଗାଁ ବ୍ଲକ ଅନ୍ତର୍ଗତ କଣ୍ଟୁଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଅଭିଭାବକ ଭବାନୀ ଶଙ୍କର ମିଶ୍ର ୩ ଦଫା ଦାବି ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ(ବିଇଓ) ସମ୍ମୁଖରେ ବୁଧବାର ଆମରଣ ଅନଶନରେ ବସି ରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଦାବି ମୁତାବକ କଣ୍ଟୁଣିଆ ନୋଡାଲ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବହିଷ୍କାର, ସିଆର୍‌ସିସିଙ୍କୁ ନିଲମ୍ବିତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ଉପ ସଭାପତିଙ୍କୁ କ୍ଷମତା ପ୍ରଦାନ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନଇଚ୍ଛା କାର୍ଯ୍ୟ କରୁଥବା ମିଶ୍ର ଲିଖିତ ଭାବେ ଜିଲା ଶିକ୍ଷାଧିକାରୀ ଜଗତ୍‌ସିଂହପୁର, ବ୍ଲକ ଶିକ୍ଷାଧିକାରୀ ନାଉଗାଁଙ୍କୁ ଜଣାଇଥିଲେ।

ଅଭିଯୋଗ ମୁତାବକ କଣ୍ଟୁଣିଆ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୨୦୨୩ ଜୁଲାଇ ୧୨ରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଉପସଭାପତି ଚୟନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଜୁଲାଇ ୨୦ରେ ଏକ ୧୨ ଜଣିଆ କମିଟି ଗଠନ କରାଯାଇଥିଲା। ଜୁଲାଇ ୨୩ରେ ପ୍ରଧାନ ଶିକ୍ଷକଙ୍କ ନୋଟିସ ମୁତାବକ ସରକାରଙ୍କ ନିୟମାନୁସାରେ ଜୁଲାଇ ୨୫ରେ ନିର୍ବାଚନ କରାଯାଇ ସଭାପତି ଓ ଉପସଭାପତି ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଜାମୁଗାଁ ସରପଞ୍ଚଙ୍କ ଉପସ୍ଥିତିରେ ନବ ନିର୍ବାଚିତ ସଭାପତି, ଉପସଭାପତିଙ୍କର ଫଟୋ ଓ ଦସ୍ତଖତ ନିଆଯାଇଥିଲା। କିନ୍ତୁ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଶଙ୍କର ସାହୁ ଉକ୍ତ କମିଟିକୁ ଆପ୍ରୁଭ କରୁନାହାନ୍ତି। ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମନଇଚ୍ଛା କରାଯାଉଛି। ଯାହାକୁ ନବ ନିର୍ବାଚିତ ସଦସ୍ୟମାନେ ବିରୋଧ କରୁଛନ୍ତି। ତେଣୁ ପ୍ରଧାନ ଶିକ୍ଷକଙ୍କ ମନଇଚ୍ଛା କାର୍ଯ୍ୟକୁ ନବ ନିର୍ବାଚିତ ସଦସ୍ୟମାନେ ବିରୋଧ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ପଚାରିବାରେ ଯେଉଁ କମିଟି ଗଠନ କରାଯାଇଛି ପ୍ରଧାନ ଶିକ୍ଷକ ବେଆଇନ ଭାବେ କରିଛନ୍ତି। ଫୋରମ ହେଉ ନ ଥିବା ବେଳେ ପ୍ରଧାନ ଶିକ୍ଷକ କିପରି ସଭାପତି, ଉପସଭାପତି ଚୟନ କରୁଥିଲେ। ପୂର୍ବରୁ ଏ ସମ୍ପର୍କରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ଆସିଥିଲା। ତଦନ୍ତ କରାଯାଇ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ତେଣୁ ଏ ସମ୍ବନ୍ଧରେ ଜିଲା ଶିକ୍ଷାଧିକାରୀ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଆମରଣ ଅନଶନ ଜାରି ରହିଥିଲା।

# ତରାସ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ରାଜକନିକା,୧୮।୧୦ (ସଞ୍ଜୟ କୁମାର ଦାଶ)
ରାଜକନିକା ବ୍ଲକ ତରାସ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ସୁରଭି ଓ ଓଡ଼ିଶା ମିଲେଟସ୍ ମିଶନ ପ୍ରତିଯୋଗିତା ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ସଭାପତିତ୍ୱ ଏବଂ ସିଆରସିସି ସଞ୍ଜୟ କୁମାର ବଳଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଆର.ଏନ୍.ହାଇସ୍କୁଲର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଦଳାଇ, ମୁଖ୍ୟବକ୍ତା ଭାବେ ବିଆରସିସି କୈଳାସ ଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ସୁରୁଚିପ୍ରଭା ଦାଶ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁକଦେବ ମଲିକ ଯୋଗ ଦେଇଥିଲେ। ଏହି କ୍ଲଷ୍ଟରର ୧୧ଟି ବିଦ୍ୟାଳୟର ୧୮୭ ଜଣ ଛାତ୍ରୀଛାତ୍ର ୨୧ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅପରାହ୍ନରେ ସୁରଭି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସିଆରସିସି ବଳ ଯୋଗଦେଇ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହିଠାରେ କୃତିକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡିଛି। ଉଦ୍‌ଯାପାନୀ ଉତ୍ସବରେ ଶିକ୍ଷୟତ୍ରୀ ଶୁଚିସ୍ମିତା ରାଉତରାୟ, ରଞ୍ଜିତା ସାମଲ, ଜନାର୍ଦ୍ଦନ ବେହୁରିଆ ଉପସ୍ଥିତ ଥିଲେ। ଶିକ୍ଷକ ସରୋଜକାନ୍ତ ବଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ତରାସ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୯ ଗିରଫ

ବ୍ରହ୍ମପୁର,୧୮।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଜୁଆଖେଳ ବନ୍ଦ କରିବା ପାଇଁ ପୋଲିସର ଚଢ଼ାଉ ଜାରି ରହିଛି। ମଙ୍ଗଳବାର ବ୍ରହ୍ମପୁରର ୨ଟି ଥାନା ଅଞ୍ଚଳରେ ଚାଲିଥିବା ଜୁଆଖେଳରେ ପୋଲିସ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିବା ସହ ୪ଟି ମୋବାଇଲ ଫୋନ୍ ଓ ୪୪,୬୦୦ ଟଙ୍କା ଜବତ କରିଛି। ଟାଉନ ଥାନା ପୋଲିସ ବଗୁଲି ସାହିରେ ଚାଲିଥିବା ଜୁଆ ଆଡ୍ଡାରୁ ୪ଜଣଙ୍କୁ ଗିରଫ କରିଥିଲା। ସେଠାରୁ ପୋଲିସ ୨୮ହଜାର ୧୦୦ ଟଙ୍କା ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିଲା। ଏ ନେଇ ୪୫୨/୨୩ରେ ମାମଲା ରୁଜୁ ହୋଇଛି। ସେହିପରି ବଡବଜାର ଥାନା ପୋଲିସ ହରିଡ଼ାଖଣ୍ଡି ନିକଟ ଲକ୍ଷ୍ମୀବିହାରରେ ଚାଲିଥିବା ଜୁଆ ଆଡ୍ଡାରୁ ୫ ଜଣଙ୍କୁ କାବୁ କରିଥିବା ବେଳେ ଆଉ କେତେଜଣ ଅନ୍ଧାରରେ ଚମ୍ପଟ ମାରିଥିଲେ। ସେଠାରୁ ୧୬,୫୦୦ ଟଙ୍କା, ୪ଟି ମୋବାଇଲ ଫୋନ୍ ଓ ଖେଳ ପ୍ରସ୍ତୁତ ସରଞ୍ଜାମ ଜବତ ହୋଇଥିଲା। ମାମଲା ନଂ,୪୦୦/୨୩ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୪୧ ସିଆରପିସି ଧାରା ଅନୁସାରେ ୯ ଜଣଙ୍କୁ ଜାମିନରେ ଛାଡି ଦିଆଯାଇଛି।

# କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଘେରିଲେ ଚାଷୀ

- ଧାରଣା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଭାଙ୍ଗିଲା ନିଦ
- ଧାନ ଜମିରେ ମାଡ଼ିଲା ଭେଟବର ବନ୍ଧ ପାଣି

ନୟାଗଡ଼/ରଣପୁର,୧୮।୧୦
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)


ସହକାରୀ ନିର୍ବାହୀ ଯନ୍ତ୍ରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବର୍ଷା ନ ଥିବାରୁ ଧାନ ଜମି ଶୁଖିଲା ପଡିଛି। ପାଖରେ ଜଳସେଚନ ସୁବିଧା ଥାଇ ବି ଜମିରେ ପାଣି ମାଡୁନି । ଏଭଳି ସ୍ଥଳେ ବୁଧବାର ଶତାଧିକ ଚାଷୀ ଉତ୍ତେଜିତ ହୋଇ ନୟାଗଡ଼ ଜିଲା ରଣପୁର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଥିଲେ । ଜମିକୁ ଭେଟବର ବନ୍ଧରୁ ପାଣି ଛାଡିବାକୁ ନାରା ଦେଇଥିଲେ । ଚାଷୀ ଆନ୍ଦୋଳନକୁ ଏଡାଇବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଭେଟବର ବନ୍ଧରୁ ସ୍ୱଳ୍ପ ସମୟ ପାଇଁ ପାଣି ଛଡା ହୋଇଛି। ଜମିରେ ପାଣି ମାଡ଼ିବା ପରେ ଚାଷୀମାନେ ଧାରଣାରୁ ହଟିଥିଲେ ।

ଅଭିଯୋଗ ଅନୁଯାୟୀ, ଭେଟବର ବନ୍ଧ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରଣପୁର ବ୍ଲକର ହଂସରା, ଆନନ୍ଦପୁର, କୃଷ୍ଣାଦେଇପୁର, ଟାଙ୍ଗିସାହି, ନୂଆସାହି, ଗୋପାଳପୁର, ବରମୂଳ, ନରସିଂହପୁର, ନାଟିମୀ, ସାମନ୍ତରାପୁର, ନିହଲ ପ୍ରସାଦ ଗାଁ ସମେତ ରଣପୁର ଏନ୍ଏସିର ମାର୍ଥ ପଦର, ପାମ୍ପଡା, ଜୟପୁର, ଭୋଇସାହି, ବଳଭଦ୍ରପୁର, ଆରଡା ଆଦି ଗାଁର ୧୫ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କର ଜମି ରହିଛି । ଏହି ଜମି ଖରିଫ ଋତୁରେ ଫାଟିବାକୁ ଯାଉଥିବାବେଳେ ଭେଟବର ବନ୍ଧରୁ ଧାନ ଜମିକୁ ଜଳସେଚନ ନ ହେବାରୁ ଚାଷୀ ଉତ୍ତେଜିତ ହୋଇ ପ୍ରତିବାଦ କରିଥିଲେ । ଜମିରେ ପାଣି ନ ମାଡ଼ିଲେ ଧାରଣା ହଟିବନି ବୋଲି ଦାବି କରି ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ। ଏନେଇ କେତେଜଣ ଚାଷୀ କହିଛନ୍ତି, ବ୍ୟାଙ୍କ ସୋସାଇଟି ଓ ଧାର କରଜ, ସୁନା ବନ୍ଧକ ରଖି କୃଷି ଋଣ ଆଣିଛୁ । ଧାନ ଫୁଲ ଉଠାଇବା ସମୟରେ ମୌସୁମୀ ଗାଏବ ହୋଇଯାଇଛି । ଏଭଳିସ୍ଥଳେ ଚାଷୀ ଓ ଚାଷ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପଦକ୍ଷେପ ନ ନେବାରୁ ଆନ୍ଦୋଳନର ରୂପ ନେଇଥିଲା।

## ନିର୍ବାଚନୀ ସତ୍ୟପାଠରେ ଭୁଲ୍‌ତଥ୍ୟ

ନୟାଗଡ଼,୧୮।୧୦(ଲୋକନାଥ ମିଶ୍ର)

- ଜିଲାପାଳଙ୍କୁ ଫେରାଦ ହେଲେ ୪ ପରାଜିତ ପ୍ରାର୍ଥୀ
- ଭାପୁର ବ୍ଲକ ରାଜନୀତି ସରଗରମ

ଗତ ପଞ୍ଚାୟତ ନିର୍ବାଚନ ସମୟରେ ନିର୍ବାଚନୀ ସତ୍ୟ ପାଠରେ ଭୁଲ ତଥ୍ୟ ଦିଆ ଯିବା ନେଇ ଭାପୁର ବ୍ଲକର ୪ ପରାଜିତ ପ୍ରାର୍ଥୀ ନୟାଗଡ଼ ସବ୍‌ଡିଜନସ୍ତରୀୟ ରିଟର୍ଣ୍ଣୀ ଅଫିସର ତଥା ଉପଜିଲାପାଳ, ପଞ୍ଚାୟତ ନିର୍ବାଚନର ରିଟର୍ଣ୍ଣୀ ଅଫିସର ତଥା ଜିଲାପାଳ, ଭାପୁର ବ୍ଲକ ରିଟର୍ଣ୍ଣୀ ଅଫିସର ତଥା ବିଡିଓଙ୍କୁ ବୁଧବାର ଫେରାଦ୍ ହୋଇ ନ୍ୟାୟ ମାଗିଛନ୍ତି । ମିଥ୍ୟା ସତ୍ୟପାଠ ଘଟଣାରେ ୨ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲାପାଳ, ଉପଜିଲାପାଳ ଓ ବିଡିଓଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି ଧମକ ଦେଇଛନ୍ତି । ୨୦୨୨ ପଞ୍ଚାୟତ ନିର୍ବାଚନରେ ଧାନଚାଙ୍ଗଡା ପଞ୍ଚାୟତରେ ସାବିତ୍ରୀ ପ୍ରଧାନ, ବେଣୁଧର ପ୍ରଧାନ କଇଁଫୁଲିଆ ପଞ୍ଚାୟତରେ, ଶାଳପଡା ପଞ୍ଚାୟତରେ ଦମୟନ୍ତୀ ଖଟେଇ, ଶାସନ ପଞ୍ଚାୟତର କାହ୍ନୁ ଚରଣ ପ୍ରଧାନ ସମିତି ସଭ୍ୟ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଏହି ୪ ପ୍ରାର୍ଥୀ ବିଜୟୀ ହୋଇ କ୍ଷମତାରେ ଅଛନ୍ତି । ବିଜୟୀ ପରେ ଭାପୁର ବ୍ଲକର ଚେୟାରମ୍ୟାନ ସାବିତ୍ରୀ ପ୍ରଧାନ ଓ ଭାଇସ୍ ଚେୟାରମ୍ୟାନ ଭାବେ ବେଣୁଧର ପ୍ରଧାନ କାର୍ଯ୍ୟ କରୁଛନ୍ତି । ତେବେ ଏହି ୪ପ୍ରାର୍ଥୀ ପ୍ରାର୍ଥିନୀ ସମିତି ସଭ୍ୟ ପ୍ରାର୍ଥିପତ୍ର ଦାଖଲ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ଅଭିଯୋଗ ଦେଢ଼ ବର୍ଷ ପରେ ହୋଇଛି। ବେଣୁଧର ପ୍ରଧାନଙ୍କ ନାଁରେ ପୂର୍ବତନ ବ୍ଲକ ଚେୟାରମ୍ୟାନ ଗୟାଧର ପରିଡ଼ା, ସାବିତ୍ରୀ ପ୍ରଧାନଙ୍କ ନାଁରେ ମିନତୀ ନାୟକ, ଦମୟନ୍ତୀ ଖଟେଇଙ୍କ ନାଁରେ ଲକ୍ଷ୍ମୀପ୍ରିୟା ମହାପାତ୍ର, ପ୍ରକାଶ କୁମାର ପ୍ରଧାନଙ୍କ ନାଁରେ ଚୁମୁକି ଗୋଛି ଅଭିଯୋଗ କରିଛନ୍ତି । ଯେଉଁ ୪ଜଣଙ୍କ ନାଁରେ ଅଭିଯୋଗ ଆସିଛି ସେମାନେ ହେଲେ ବେଣୁଧର ପ୍ରଧାନ, ବେଣୁଧର ପ୍ରଧାନଙ୍କ ସ୍ତ୍ରୀ, ଭାଇ ଓ ଭାଉଜ ବୋଲି ଜଣାପଡିଛି । ଏମାନଙ୍କ ନାଁରେ ୫୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି । ପୁଣି କିଛି ମକଦ୍ଦମା ରହିଛି । ଅନ୍ୟପକ୍ଷେ ଟିକସ ଫାଙ୍କିବା ନେଇ ଫାଇନ ବି ପଡିଛି । ତେବେ ଏଗୁଡିକ ସତ୍ୟପାଠରେ ଦର୍ଶାଯାଇ ନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଘଟଣା ସମ୍ପର୍କରେ ବ୍ଲକ ଭାଇସ ଚେୟାରମ୍ୟାନ ବେଣୁଧର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ମୋ ପରିବାର ବିରୋଧରେ ଆଣିଥିବା ଅଭିଯୋଗର ସତ୍ୟତା ନାହିଁ । ନିଜର ସ୍ଥିତି ଜାହିର କରିବା ପାଇଁ ବିରୋଧିମାନେ ଅମୂଳକ ଅଭିଯୋଗ ଆଣିଛନ୍ତି । ଯାହାକିଜର ବିକଳରେ ତାଟିଆ କାମୁଡିଲା ପରି ଲାଗୁଛି ।

## ଶିକ୍ଷକଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଜେଲଦଣ୍ଡ

ଭାପୁର,୧୮।୧୦(ଭରତ କୁମାର ବେହେରା )

### ବୃଦ୍ଧଙ୍କୁ ଆକ୍ରମଣ ମାମଲା

ଜଣେ ବୃଦ୍ଧଙ୍କୁ ହିନ୍ଦୀ ଶିକ୍ଷକଙ୍କ ସମେତ ତାଙ୍କ ପରିବାର ସଦସ୍ୟମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ମାମଲାରେ କୋର୍ଟ ଶିକ୍ଷକଙ୍କ ସମେତ ତାଙ୍କ ପରିବାରର ୮ ସଦସ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମଙ୍ଗଳବାର ଭାପୁର କୋର୍ଟରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବନିଲ କୁମାର ଖଟାଇ ୮ ଅଭିଯୁକ୍ତ ଶିକ୍ଷକ ରାଜୀବ ପରିଡ଼ାଙ୍କ ସହ ତାଙ୍କ ପରିବାର ପ୍ରେମାନନ୍ଦ ପରିଡ଼ା, ହରିହର ପରିଡ଼ା, ସଞ୍ଜୟ ପରିଡ଼ା, ନକୁଳ ନନ୍ଦ ପରିଡ଼ା, ଗୋପାଳ ଚନ୍ଦ୍ର ପରିଡ଼ା,ବୀଣାମଣି ପରିଡ଼ା ଓ ଲକ୍ଷ୍ମୀ ପରିଡ଼ାଙ୍କୁ ଭାରତୀୟ ପିଙ୍ଗଳ କୋଡ୍ ଧାରା, ୩୨୩/୪୫୨ ଏବଂ ୩୨୪ରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ଘଟଣାର ମୁଖ୍ୟ କୁହାଯାଉଥିବା ରାଜୀବଙ୍କୁ ୧୮ମାସ କାରାଦଣ୍ଡ ସହିତ ୨ ହଜାର ଟଙ୍କା ଜରିମାନା ହୋଇଛି । ସେହିପରି ଅନ୍ୟ ୭ଜଣଙ୍କୁ ୬ମାସ କାରାଦଣ୍ଡ ସହିତ ୫ଶହ ଟଙ୍କା ଜରିମାନା ଦେବାକୁ ରାୟ ପ୍ରକାଶ ପାଇଛି। ଜୋରିମାନା ଅନାଦୟେ ୧ ମାସ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି । ମାମଲାର ବିବରଣୀ ଅନୁଯାୟୀ, ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକ୍ କରବର ପଞ୍ଚାୟତ ଗୁଢୁପଡ଼ାରେ ବୃଦ୍ଧ ଭିକାରୀ ପରିଡାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରାଜୀବ ଓ ତାଙ୍କ ପରିବାର ସଦସ୍ୟମାନେ ୨୧।୧୨।୨୦୨୧ରେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରି ଥିଲେ । ଏ ସଂକ୍ରାନ୍ତରେ ଫତେଗଡ଼ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା(ନଂ.୨୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏନେଇ ଭାପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତିଙ୍କ ଅଦାଲତରେ ଏହି ମକଦ୍ଦମା( ନଂ ୨୩୭/୨୦୨୧) ଚାଲିଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ଦସ୍ତାବିଜକୁ ଆଧାରକରି ବିଚାରପତି ଖଟାଇ ମଙ୍ଗଳବାର ଅଭିଯୁକ୍ତକାରୀଙ୍କୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ କ୍ୟାଡ଼ର ଏପିପି ଅନୁରଞ୍ଜନା ବେହେରା ପରିଚାଳନା କରୁଥିବା ବେଳେ ଏପିପି କେଦାରନାଥ ସାହୁ ଓ କୈଳାସ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।

## ଚୌକିରେ ଚୁଇଁଗମ୍ ପକାଇବାରୁ ଛାତ୍ରଙ୍କୁ ଦଣ୍ଡ



ସ୍କୁଲ ଫାଟକରେ ତାଲା ପକାଇ ଦିଆଯାଇଛି।

- ମାରପିଟ୍ କଲେ, ଆଣ୍ଠେଇ ଦେଲେ
- ପ୍ରତିବାଦ କରିବାରୁ ଅଭିଭାବକଙ୍କୁ ପୋଲିସର ଧମକ
- ବରପଲ୍ଲୀ ସ୍କୁଲରେ ଉତ୍ତେଜନା
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଇଓଙ୍କ ପ୍ରତିଶ୍ରୁତି

ନୟାଗଡ଼,୧୮।୧୦(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବରପଲ୍ଲୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଚୌକିରେ ଚୁଇଁଗମ୍ ପକାଇବାକୁ ନେଇ ଜଣେ ଶିକ୍ଷୟିତ୍ରୀ ୭ମ ଶ୍ରେଣୀର କେତେଜଣ ଛାତ୍ରଙ୍କୁ ଦଣ୍ଡ ଦେଇଥିବା ଅଭିଯୋଗ ହୋଇଛି । ଛାତ୍ରଙ୍କୁ ମାରପିଟ୍ କରି ଆଣ୍ଠୁଆ ବସାଇଲେ । ମାରପିଟ୍ ଓ ଆଣ୍ଠୁଆ ବସାଇବା ନେଇ ପ୍ରତିବାଦ କରିବାରୁ ଅଭିଭାବକଙ୍କୁ ପୋଲିସ ଡକାଇ ଧମକଚମକ ଦେଇଛି । ଏହି ଘଟଣାକୁ ନେଇ ବରପଲ୍ଲି ସ୍କୁଲରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ କେତେଜଣ ଗଣମାଧ୍ୟମର ପ୍ରତିନିଧି ସ୍କୁଲରେ ପହଞ୍ଚିଥିଲେ । ସମ୍ପୃକ୍ତା ଶିକ୍ଷୟିତ୍ରୀ ଗଣମାଧ୍ୟମକୁ ସହଯୋଗ ନ କରି ସ୍କୁଲ ଫାଟକରେ ତାଲା ଝୁଲାଇ ଦେଇଥିଲେ ।

ଅଭିଯୋଗ ଅନୁଯାୟୀ, ଜଣେ ଶିକ୍ଷୟିତ୍ରୀଙ୍କ ଚୌକିରେ ଚୁଇଁଗମ୍ କିଏ ପକାଇଛି ଜଣାପଡି ନାହିଁ । ତେବେ ଚୁଇଁଗମ୍‌କୁ ଦେଖି ସମ୍ପୃକ୍ତା ଶିକ୍ଷୟିତ୍ରୀ ରାଗି ଯାଇ ୪ରୁ ୫ଜଣ ୭ମ ଶ୍ରେଣୀ ଛାତ୍ରଙ୍କୁ ସନ୍ଦେହ କରି ଦଣ୍ଡମୁକ୍ତ ଅଞ୍ଚଳରେ ମାରପିଟ୍ କରିଥିଲେ । ପରେ ଆଣ୍ଠୁମଡା ବସାଇଲେ । କିଛି ସମୟ ପରେ ସପ୍ତମ ଶ୍ରେଣୀର ସବୁ ଛାତ୍ରଙ୍କୁ ମାରପିଟ୍ କଲେ । ପୁଣି ଆଣ୍ଠୁଆ ବସାଇଲେ । ଏତିକିରେ ରାଗ ଶେଷ ହେଲାନି , ମଧ୍ୟାହ୍ନଭୋଜନ ଖାଇବାକୁ ସୁଯୋଗ ଦେଲେନି । ମଧ୍ୟାହ୍ନଭୋଜନ ଖାଇବାକୁ ଅନୁମତି ଦେବା ବେଳକୁ ଆଉ ଖାଦ୍ୟ ନ ଥିଲା । ପିଲାମାନେ ଭୋକ ଉପାସରେ ଘରକୁ ଫେରିଲେ । ଏନେଇ କେତେଜଣ ଛାତ୍ର ନିଜ ନାଁ ଗୋପନ ରଖି କହିଛନ୍ତି, ଶିକ୍ଷୟିତ୍ରୀଙ୍କ ଚେୟାରରେ ଆମ୍ଭେ ଚୁଇଁଗମ୍ ରଖି ନ ଥିଲୁ । ହେଲେ ଆମକୁ ୨ ପରିୟଡ ଆଣ୍ଠୁଆ ବସାଇଲେ । ଖାଇବା ବେଲ୍ ବାଜିବା ପରେ ବି ଛାଡିଲେନି । ସବୁ ପିଲା ଖାଇ ସାରିବା ପରେ ମଧ୍ୟାହ୍ନଭୋଜନ ଖାଇବାକୁ କହିଥିଲେ । ହେଲେ ଆଉ ଖାଦ୍ୟ ନ ଥିଲା । ଆମକୁ ସ୍କୁଲରେ ଭୁଲ ନ ଥାଇ ଦଣ୍ଡ ଦେଲେ । ପୋଲିସକୁ ଡକାଇ ସେପରି କିଛି ଘଟଣା ଘଟିନି ବୋଲି କହିବ ବୋଲି ଚାପ ପକାଇଲେ । ଶିକ୍ଷୟିତ୍ରୀଙ୍କ ନାଲି ଆଖି ଦେଖି ଭୟରେ ଆମେ ମିଛ କହିଲୁ । ଘଟଣା କ'ଣ ତଦନ୍ତ ହେଲେ ସତ ପଦାକୁ ଆସିବ । ମଙ୍ଗଳବାର ମଧ୍ୟ ଆମକୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଇନି । ସ୍କୁଲରେ ଅଧିକାଂଶ ସମୟ ମଧ୍ୟାହ୍ନଭୋଜନ ଠିକ୍‌ରେ ଦିଆଯାଉନି। କେତେଜଣ ଅଭିଭାବକ କହିଛନ୍ତି, ବୁଧବାର ଛାତ୍ରଙ୍କୁ ମାରପିଟ୍, ଆଣ୍ଠୁଆ ବସାଇବା, ସ୍କୁଲକୁ ପୋଲିସ ଆସିବା, ଅଭିଭାବକଙ୍କୁ ଧମକଚମକ ଦେବା, ଶିକ୍ଷୟିତ୍ରୀଙ୍କ ଚେୟାରରେ ଚୁଇଁଗମ୍ ପକାଇବା ନେଇ ଆଲୋଚନା ହୋଇଛି । ଖୁବ ଶୀଘ୍ର ଏହା ବିସ୍ଫୋରକ ରୂପ ନେବାକୁ ଯାଉଛି ବୋଲି କହିଥିଲେ । ଆଉ କିଛି ଅଭିଭାବକ କହିଥିଲେ ଘଟଣା ସମାଧାନ ପାଇଁ ଚେଷ୍ଟା କରାଯାଉଛି । ଏନେଇ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ଚରଣ ପ୍ରଧାନ କୁହନ୍ତି, ବୁଧବାର ସୁରଭି କାର୍ଯ୍ୟକ୍ରମରେ ବ୍ୟସ୍ତ ଥିଲୁ। ବରପଲ୍ଲୀ ସ୍କୁଲର ଘଟଣା ସମ୍ପର୍କରେ ଜାଣି ନାହିଁ। ତେବେ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂସ୍କୃତ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଖଣ୍ଡପଡ଼ା,୧୮।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସଂସ୍କୃତ ଭାଷା ଜ୍ଞାନ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅତିଥି ରୂପେ ଅଧାପକ ରାଜ କିଶୋର ପାତ୍ର, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ଅଧାପିକା ଡ. ନମିତା ନାୟକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖଣ୍ଡପଡ଼ାର ଅଧକ୍ଷ ମନୋଜ କୁମାର ବିଶ୍ୱାଳ, ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ସାହୁ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ସଂସ୍କୃତ ଅଧାପକ ମାନସ କୁମାର ଆଚାର୍ଯ୍ୟ, ଗୋଡିପଡ଼ା ଶ୍ରୀ ଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟର ସଂସ୍କୃତ ଅଧାପକ ଡ. ସନ୍ତୋଷ କୁମାର ସାହୁ, ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ରାଷ୍ଟ୍ରୀୟ ମହାସଚିବ ଜୟ ପ୍ରକାଶ ଶାସ୍ତ୍ରୀ ପ୍ରମୁଖ ଯୋଗଦେଇ, ସଂସ୍କୃତ ହେଉଛି ଆମର ଦେବ ଭାଷା । ସଂସ୍କୃତରୁ ସଂସ୍କୃତିର ଉତ୍ପତ୍ତି । ଏହାଛଡା ଭାରତର ମୂଳ ଭାଷା ସଂସ୍କୃତରୁ ସଂସ୍କୃତିର ସୃଷ୍ଟି ଏବଂ ସଂସ୍କୃତ ହିଁ ଭାରତୀୟ ସଂସ୍କୃତିର ପ୍ରାଣ ବୋଲି ମତ ରଖିଥିଲେ । ଏ ଅବସରରେ ସଂସ୍କୃତ ଭାଷା ଶିକ୍ଷାର ପ୍ରଚାର, ପ୍ରସାର ଓ ଦେବ ଭାଷା ସଂସ୍କୃତର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସହକାରୀ ଶିକ୍ଷକ ଗୋସ୍ୱାମୀ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଷ୍ଠାନର ସଂସ୍କୃତ ଶିକ୍ଷୟିତ୍ରୀ ସାଗରୀକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅଖିଳ ଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସଂସ୍କୃତ ଭାଷା ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଶିକ୍ଷୟିତ୍ରୀ ତୃପ୍ତିମୟୀ ପଣ୍ଡା, ସୁନୀତା ମଞ୍ଜରୀ ସାହୁ, ଶ୍ରୀନିବାସ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂସ୍କୃତ ଭାଷା ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଛାତ୍ରମାନେ ଅତି ସୁନ୍ଦର ଭାବେ ପରିବେଷଣ କରି ସହପାଠୀ, ଅତିଥି ଓ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମନୋରଞ୍ଜନ କରିଥିଲେ ।

## ଉଦ୍ୟାନ କୃଷି ବିଭାଗର ଦକ୍ଷତା ବିକାଶ କର୍ମଶାଳା

ଦଶପଲ୍ଲା,୧୮।୧୦(ପ୍ରକାଶ କୁମାର ପାଣି)

ବୁଧବାର ଦଶପଲ୍ଲା ଉଦ୍ୟାନ କୃଷି ବିଭାଗର ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ମାଧ୍ୟମରେ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷକମାନଙ୍କୁ ବିଭିନ୍ନ କିସମର ଫଳଚାଷ, ତା'ର ଉପାଦେୟତା, ମିକ୍ସଡ କ୍ରପ, କେଉଁ ଗଛ ପାଖରେ କେଉଁ ଗଛ ରହି ପାରିବେ ଯାଦ୍ୱାରା ଉଭୟଙ୍କ ଠିକ ଭାବେ ଅଭିବୃଦ୍ଧି ହେବ ସେସବୁ ବିଷୟରେ ବୁଝାଇ ଥିଲେ। ବିଶେଷତଃ ନୂତନ ଗବେଷଣା ଲବ୍ଧ କୃଷିଭିତ୍ତିକ ଅର୍ଥନୀତି ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୟସ୍ମିନ ଗୁଲନାଜ, ଏଏଚ୍ଓ ଗୌରୀଶଙ୍କର ମିଶ୍ର, ବିଏଓ ଅବିନାଶ ଦାଶ, ବିଶ୍ୱନାଥ ପାଟଯୋଶୀ, ଏଏଇ ସଞ୍ଜୟ ବାରିକ, ଗୀତାଞ୍ଜଳି ସୁବୁଦ୍ଧି, ବସନ୍ତ ପ୍ରଧାନ,ପ୍ରଭାକର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଘାଟିରେ ଓଲଟିଲା କାଠ ବୋଝେଇ ଟ୍ରକ୍

ବାଲିଗୁଡା,୧୮।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଗୋପାଳପୁରଠାରୁ ରାୟପୁର ଦେଇ ଯାଇଥିବା ୫୯ ନଂ. ଜାତୀୟ ରାଜପଥ ଗଦ୍ରିଙ୍ଗିଆ ଘାଟିରେ ଏକ କାଠ ବୋଝେଇ ଟ୍ରକ (ୟୁପି-୬୭-ଟି- ୮୫୧) ଭାରସାମ୍ୟ ହରାଇ ଓଲଟି ପଡିଛି। ଟ୍ରକଟିର ବିଶେଷ କ୍ଷତି ହୋଇଥିଲେ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି ବିହାର ଅଞ୍ଚଳର ଡ୍ରାଇଭର୍। ଉକ୍ତ ଟ୍ରକଟି ଝାଡ଼ଖଣ୍ଡକୁ ଯାଉଥିବା ବେଳେ ଘାଟିରେ ବ୍ରେକ୍ ଓ ଷ୍ଟିଅରିଂ କାମ ନ କରିବା ଫଳରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ବାଲିଗୁଡ଼ା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସରିଲା

ଦଶପଲ୍ଲା,୧୮।୧୦(ପ୍ରକାଶ କୁମାର ପାଣି)

ବୁଧବାର ସ୍ଥାନୀୟ ରାଧାମୋହନ ଜୀଉ ହାଇସ୍କୁଲ ପରିସରରେ ଦଶପଲ୍ଲା ବ୍ଲକମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଏବଂ ଓଡ଼ିଶା ମିଲେଟ୍ ମିଶନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ମୋଟ ୧୩ କ୍ଲଷ୍ଟରର ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ପ୍ରଥମେ ବିଦ୍ୟାଳୟସ୍ତରରେ ସେମାନଙ୍କ ପ୍ରତିଯୋଗିତା କରାଯାଇଥିଲା । ବୁଧବାର ମଣ୍ଡଳସ୍ତରରେ ଏହା ଆୟୋଜିତ ହୋଇଥିଲା । ଏଥିରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ପରେ ଯେଉଁମାନେ ଜିଲାରେ କୃତୀତ୍ୱ ଅର୍ଜନ କରିବେ ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । ପୂର୍ବାହ୍ନରେ ଉଦ୍‌ଘାଟନ ଉତ୍ସବରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ତହସିଲଦାର ଶ୍ରୀକୁମାର ରଥ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ ସଭାପତିତ୍ୱ କରିଥିଲେ । ଅପରାହ୍ନରେ ଉତ୍ସବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍କୁଲ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନୀୟ ଅତିଥି ଏନଏସି ଅଧକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ,ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲ, ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ,କାଉନସିଲର ମନୋଜ ସାହୁ, ତ୍ରିନାଥ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ସୁରଭି ଉତ୍ସବରେ ଯୋଗଦେଇଥିବା ଅତିଥି।

## ମଣ୍ଡଳସ୍ତରୀୟ ସୁରଭି, ପୁଷ୍ଟିଶସ୍ୟ ପ୍ରତିଯୋଗିତା

ଶରଣକୁଳ/ଓଡ଼ଗାଁ,୧୮।୧୦
(ଦୀପକ କର/ଆଦର୍ଶ କୁମାର ପଟ୍ଟନାୟକ)



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭୀମସେନ ସରକାରୀ କୃଷି ଉଚ୍ଚ ବିଦ୍ୟାଳୟ, ବାଉଁଶଗାଡ଼ିଆଠାରେ ମଣ୍ଡଳସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ୧୫ ଟି ଆଞ୍ଚଳିକ ସାଧନକେନ୍ଦ୍ରରୁ ପ୍ରବନ୍ଧ, ବକ୍ତୃତା, ତର୍କ, ସଙ୍ଗୀତ, ସୃଜନଶୀଳ ଲିଖନ, ସୁନ୍ଦର ହସ୍ତାକ୍ଷର, ଶ୍ରୁତଲିଖନ, ଚିତ୍ରାଙ୍କନ, ଚିତ୍ରକଳା ଓ ମଧ୍ୟାହ୍ନଭୋଜନ ଶିଳ୍ପକଳା, ଦିବ୍ୟାଙ୍ଗର ସଙ୍ଗୀତ ଓ ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରୁ ବରିଷ୍ଠ ଓ କନିଷ୍ଠ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରି ଆସିଥିବା ୫୧୦ କୃତି ପ୍ରତିଯୋଗୀମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ମଣ୍ଡଳ ଶିକ୍ଷା ଅଧିକାରୀ ଗୀତାଞ୍ଜଳୀ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ନୟାଗଡ଼ ଜିଲା ପରିଷଦ ଅଧକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଡ଼ିହାରୀ, ଭାଡିକିଲା ସମିତି ସଭ୍ୟ ପ୍ରଦୀପ ଭଞ୍ଜ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ କମଳିନୀ ବେହେରା, ରବିନ୍ଦ୍ର କୁମାର ନାୟକ, ସମ୍ପାଦିକା ଜ୍ୟୋତ୍ସ୍ନାମଣୀ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

ବରିଷ୍ଠ ବିଭାଗ ବିତର୍କରେ ଦୀପିକା ପ୍ରିୟଦର୍ଶିନୀ, ପ୍ରବନ୍ଧରେ ଦୀକ୍ଷା ମିଶ୍ର, ଚିତ୍ରାଙ୍କନରେ ସୋନାଲୀ ସୁନ୍ଦରା, କୁଇଜରେ ବିଶେଷ କୁମାର ଆଚାର୍ଯ୍ୟ, ସୃଜନଶୀଳ ଲିଖନ ଦିପ୍ତୀରଶ୍ମିତା, ବକ୍ତୃତାରେ ପାୟଲ ପ୍ରିୟଦର୍ଶିନୀ ପରିଡ଼ା, ସଙ୍ଗୀତରେ ଓମ୍ ପ୍ରସାଦ ପାତ୍ର, କନିଷ୍ଠ ବିଭାଗରେ ଚିତ୍ରାଙ୍କନ ସ୍ନେହାଶିନୀ ପ୍ରିୟଦର୍ଶିନୀ, କୁଇଜରେ ରୁଦ୍ରନାରାୟଣ ବିଶ୍ୱାଳ, ସୃଜନଶୀଳ ଲିଖନରେ ଏସ୍.ଅନ୍ୱେଷା ରାଜନନ୍ଦିନୀ, ବକ୍ତୃତାରେ ତମନ୍ନା ପଟ୍ଟନାୟକ, ସଙ୍ଗୀତରେ ସାଇସିଦ୍ଧି ମିଶ୍ର, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନରେ ପ୍ରିତିପ୍ରଜ୍ଞା ପ୍ରିୟଦର୍ଶିନୀ, ପୁଷ୍ଟିଶସ୍ୟର କୁଇଜ୍‌ରେ ସୁଶ୍ରୀ ସୌମ୍ୟାଶ୍ରୀ ସାହୁ, ପ୍ରବନ୍ଧରେ ବିଜୟଲକ୍ଷ୍ମୀ ସାହୁ, ବକ୍ତୃତାରେ ସଞ୍ଚିତା ମହାପାତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

ଉଦ୍‌ଯାପନୀ ପର୍ବରେ ମୁଖ୍ୟଅତିଥି ଭାବେ ବିଧାୟକ ନୟାଗଡ଼ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ରୂପେ ଓଡ଼ଗାଁ ପଞ୍ଚାୟତ ସମିତି ଅଧକ୍ଷ ଲୋକନାଥ ସାହୁ, ଉପାଧକ୍ଷା ମୀରା ନାୟକ, ଓ ଜିଲା ପରିଷଦ ସଭ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ଭାଡିକିଲା ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିପିନ ଦୋରା, ମୋ ସ୍କୁଲ ସଭାପତି ପାଣ୍ଡବ ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମଣୀ ମଙ୍ଗରାଜ ମଞ୍ଚାସୀନ ଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସମସ୍ତ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଭକ୍ତରଞ୍ଜନ ମିଶ୍ର, ଏନ୍‌ପିଏସ୍ ସଭାପତି ନରେଶ ପାଣିଗ୍ରାହୀ, ଏକ୍ସ କ୍ୟାଡର ସଭାପତି ଜୟକୃଷ୍ଣ ପ୍ରଧାନ, ଶୁଭେନ୍ଦୁ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ମିଶ୍ର, ସୋମନାଥ ଚୌଧୁରୀ, ବିଜୟ ସେଠୀ, ମୋହନ ସାହୁ, ପରମାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାଶ, ରାଜେଶ ଷଡ଼ଙ୍ଗୀ,ମିନାକ୍ଷୀ ସାହୁ,ପ୍ରଣତୀ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ରଞ୍ଜନ କୁମାର ଦାଶ, ଶ୍ରୀଧର ପରିଡ଼ା, ଭାବଗ୍ରାହୀ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆସୁଛି ଲଘୁଚାପ, ଚାଷୀକୁଳ ଭୟଭୀତ

- ମହାବାତ୍ୟାକୁ ୨୪ ବର୍ଷ ପୂରିବ
- ପବନ ହେଲେ ଧାନ ଅଗାଡ଼ି ହେବ

ପଟ୍ଟାମୁଣ୍ଡାଇ,୧୮।୧୦(କଳ୍ପତରୁ ନାୟକ)




ଓଡ଼ିଶାର ଉପକୂଳ ଜିଲାଗୁଡ଼ିକରେ ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଭୟଙ୍କର ବିପର୍ଯ୍ୟୟ ଘଟାଇବା ଘଟଣା ଲୋକଙ୍କ ମନରୁ ଏ ପର୍ଯ୍ୟନ୍ତ ଲିଭି ନାହିଁ। ପୁଣି ଅକ୍ଟୋବର ୨୦ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ମହାବାତ୍ୟା ଏହି ଅକ୍ଟୋବରରେ ଆସିଥିଲା। ତେଣୁ ଅକ୍ଟୋବରରେ ଲଘୁଚାପ ଆସିବା ମାତ୍ରେ ମହାବାତ୍ୟା ଦୃଶ୍ୟକୁ ମନେପକାଇ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳ ଲୋକଙ୍କ ଛାତିରେ ଛନକା ପଶିବା ସହିତ ଚାଷୀକୁଳ ଭୟଭୀତ ହୋଇପଡିଛନ୍ତି।

ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଦାଶ କହିଛନ୍ତି, ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଥିଲା ୧୯୯୯ ଅକ୍ଟୋବର ୨୯ର 'ମହାବାତ୍ୟା'। ଆଉ ୧୦ ଦିନ ପରେ 'ମହାବାତ୍ୟା'କୁ ୨୪ ବର୍ଷ ପୂରିବ। ମହାବାତ୍ୟାର ମହାତାଣ୍ଡବକୁ ପାଖରୁ ଦେଖିଥିବା ଲୋକେ ଯଦି ଅକ୍ଟୋବରରେ କୌଣସି ଲଘୁଚାପ କିମ୍ବା ବାତ୍ୟା ଆସେ ଏକ ଅଜଣା ଭୟରେ ଆତଙ୍କିତ ହୋଇଥାଆନ୍ତି । ୧୯୯୯ ମହାବାତ୍ୟା ରାଜ୍ୟର ୧୪ଜିଲାରେ ସମୁଦ୍ରକୂଳଠାରୁ ପ୍ରାୟ ୧୫୦ କିଲୋମିଟର ଆଭ୍ୟନ୍ତର ଅଞ୍ଚଳରେ ଘଣ୍ଟା ପ୍ରତି ୨୫୦ରୁ ୩୫୦କିମି ବେଗରେ ପବନ ପ୍ରବାହିତ ହେବା ସହ ସମୁଦ୍ରରୁ ୩୦ ଫୁଟ୍ ଉଚ୍ଚର ଜୁଆର ଉଠିଆସିଥିଲା। କେହି କିଛି ବୁଝିବା ଆଗରୁ ଘରଦ୍ୱାର ରାସ୍ତାଘାଟ ସବୁ ନିଶ୍ଚିହ୍ନ ହୋଇଯାଇଥିଲା। ପ୍ରକୃତିର ଧ୍ୱଂସ ଲୀଳାରେ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନହାନି ହୋଇଥିଲା। କେନ୍ଦ୍ରାପଡ଼ା ଜିଲାରେ ୩୯୭ ଜଣଙ୍କ ମୃତ୍ୟୁ ଘଟିଥିଲା। ୧୮୦୩ ଜଣ ଆହତ ହୋଇଥିବା ବେଳେ ୩୮ ଜଣଙ୍କ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ କୌଣସି ଖୋଜ ଖବର ନାହିଁ। ସେହିପରି ୩ ହଜାରରୁ ଅଧିକ ମାଛଧରା ଡଙ୍ଗା, ୪୮,୯୦୬ ଗୃହପାଳିତ ପ୍ରାଣୀ ପକ୍ଷୀଙ୍କ ସହ ଜିଲାରେ ୨,୯୭,୮୧୪ଟି ଘର ଭାଙ୍ଗିଥିବା ଜିଲା ଜରୁରିକାଳୀନ ବିଭାଗ ଏକ ସୂତ୍ରରୁ ଜଣାପଡ଼ିଛି। ପରିବେଶବିତ ବିଭୂତି ମହାପାତ୍ର କହିଛନ୍ତି, ଅକ୍ଟୋବରରେ ଅନେକ ବାତ୍ୟା ଦେଖିଛୁ। ସେ ମହାବାତ୍ୟାଠାରୁ ଫାଇଲିନ ଯାଏଁ ସବୁ ବାତ୍ୟା ଆମକୁ ପ୍ରଭାବିତ କରିଛି। ଏବେ ପୁଣି ସେହି ଅକ୍ଟୋବରରେ ଆଉ ଏକ ଘୂର୍ଣ୍ଣି ବଳୟ ଦାନା ବାନ୍ଧୁଛି। ଯାହା ପରବର୍ତ୍ତୀ ସମୟରେ ଘନୀଭୂତ ହୋଇ ବାତ୍ୟାର ରୂପ ନେବାର ସମ୍ଭାବନା ଅଛି। ଯଦି ଏହି ଆକଳନ ସତ ପ୍ରମାଣିତ ହୁଏ ତେବେ ପାର୍ବଣ ସମୟରେ ବର୍ଷାର ପ୍ରଭାବ ଯଥେଷ୍ଟ ଅଧିକ ରହିବ। ଯେହେତୁ ରାଜ୍ୟରେ ସର୍ବାଧିକ ଥର ବାତ୍ୟା ଅକ୍ଟୋବରରେ ସୃଷ୍ଟି ହୁଏ, ଅକ୍ଟୋବର ଆସିଲେ ଉପକୂଳ ଚାଷୀଙ୍କୁ ଘାରେ ବାତ୍ୟା ଭୟ। ଅକ୍ଟୋବର ବାତ୍ୟା ତା'ର କରାଳ ପଞ୍ଝା ମେଲାଇ ଉପକୂଳ ଧାନ ଫସଲକୁ ଗ୍ରାସ କରିଦିଏ। କାରଣ ଏହି ସମୟରେ ଧାନ ଫସଲ ଫୁଲ ଉଡାଉଥାଏ ବା ପେଟଥୋଡ କରୁଥାଏ। ଧାନଗଛକୁ ଝଡ଼ ଝାଡ଼ି ଦେଲେ ଧାନକେନ୍ଦା ଅଗାଡ଼ି ହୋଇଯାଏ। ପୂର୍ବରୁ ବି ଅକ୍ଟୋବରରେ ୧୯୯୯ ମହାବାତ୍ୟା, ୨୦୧୩ର ଫାଇଲିନ୍ ବାତ୍ୟା ଆଦି ଏହି ମାସରେ ହିଁ ହୋଇଛି। ବିଶେଷଜ୍ଞ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ବିଶେଷଜ୍ଞମାନଙ୍କ ମତରେ ଉପକୂଳର ଭୌଗୋଳିକ ଅବସ୍ଥିତି ଏବଂ ଗ୍ଲୋବାଲ୍ ୱାର୍ମି କାରଣରୁ ବାରମ୍ବାର ବାତ୍ୟାର ସମ୍ମୁଖୀନ ହେଉଛି। ୧୯୯୯ରୁ ଆଜି ପର୍ଯ୍ୟନ୍ତ ଛୋଟଛୋଟ ଲଘୁଚାପ ଘୂର୍ଣ୍ଣି ଝଡକୁ ଛାଡି ଦେଲେ ୧୦ଟି ବଡ ବାତ୍ୟା ଏହି ଅଞ୍ଚଳ ଲୋକେ ସମ୍ମୁଖୀନ ହୋଇଛନ୍ତି। ୧୯୯୯ ମହାବାତ୍ୟା, ୨୦୧୩ରେ ଫାଇଲିନ, ୨୦୧୪ରେ ହୁଡହୁଡ, ୨୦୧୮ରେ ତିତିଲି, ୨୦୧୯ମେରେ ଫନୀ ଏବଂ ନଭେମ୍ବରରେ ବୁଲବୁଲ, ୨୦୨୦ରେ ଅଫାନ୍, ୨୦୨୧ରେ ୟାସ, ଗୁଲାବ ଏବଂ ଜୱାଦ ଭଳି ବାତ୍ୟାର ହୋଇଥିଲା। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ବନ୍ୟା, ବାତ୍ୟା, ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲାର ଆଳିଠାରେ ତଟବନ୍ଧ ଡିଭିଜନ ପ୍ରତିଷ୍ଠା ହୋଇଛି। ଆଳି ସମେତ ପଟ୍ଟାମୁଣ୍ଡାଇ, ରାଜକନିକା, ରାଜନଗର ଓ ମହାକାଳପଡ଼ାର ମୋଟ ୭୪୪.୪୭ କିଲୋମିଟର ତଟବନ୍ଧର ସୁରକ୍ଷା ପାଇଁ ଅନୁଦାନ ଆସି ବ୍ୟୟ କରାଯାଉଛି। ମାତ୍ର ତଟବନ୍ଧକୁ ଉଚ୍ଚା କରିବା, ଅଧିକ ହେନ୍ତାଳବଣ ସୃଷ୍ଟି କରିବା ଅଦ୍ୟାବଧି ସମ୍ଭବ ହୋଇନାହିଁ। ସାମୁଦ୍ରିକ ଝଡ଼ ଆସିଲେ ଜନଜୀବନ ବ୍ୟସ୍ତ ହୋଇପଡୁଛି। ବଙ୍ଗୋପସାଗରରେ ଅକ୍ଟୋବର ୨୦ରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଚାଷୀକୁଳ ଭୟଭୀତ ଅବସ୍ଥାରେ ଅଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପ୍ରାୟ ୧୨ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ହୋଇଛି। ଯଦି ପବନ ଜୋରରେ ବହେ ତେବେ ସମସ୍ତ ଧାନ ଅଗାଡି ହୋଇଯିବାର ଆଶଙ୍କାରେ ଚାଷୀକୁଳ ଭୟଭୀତ ଅବସ୍ଥାରେ ଅଛନ୍ତି।

# ପୋଖରୀରୁ ୫ଫୁଟର କୁମ୍ଭୀର ଧରାହେଲା



ପୋଖରୀରୁ ଉଦ୍ଧାର ହୋଇଥିବା କୁମ୍ଭୀର।

ରାଜନଗର,୧୮।୧୦(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶ ପଥ ବାଙ୍କୁଆଳ ଗାଁ ପୋଖରୀରୁ ବୁଧବାର ଏକ କୁମ୍ଭୀର ଉଦ୍ଧାର କରାଯାଇଛି। ଏହି ଗାଁର ସୁମିତ୍ରା ରାଉତଙ୍କ ବାଡିରେ ଥିବା ପୋଖରୀରୁ ୫ ଫୁଟ ୩ ଇଞ୍ଚର ମାଈ କୁମ୍ଭୀର ଉଦ୍ଧାର କରାଯାଇଛି। ପୋଖରୀରେ କୁମ୍ଭୀର ଥିବା ନେଇ ପରିବାର ଲୋକେ ଦେଖିବା ପରେ ବନବିଭାଗକୁ ଖବର ଦେଇଥିଲେ। ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ବନକର୍ମଚାରୀ ଯଶୋବନ୍ତ ବେହେରା, ଚନ୍ଦ୍ରମଣି ପରିଡା, ସେକ୍ ରଫିକ, କୁନା ବେହେରା, ରମେଶ ବେହେରା ପ୍ରମୁଖ ପୋଖରୀରୁ ଜାଲ ମାଧ୍ୟମରେ କୁମ୍ଭୀରକୁ ଧରିବାରେ ସକ୍ଷମ ହୋଇଥିଲେ। କୁମ୍ଭୀରକୁ ଧରିବା ପରେ ତାକୁ ଭିତରକନିକା ନଈରେ ଛାଡି ଦିଆଯାଇଛି।

## ୭ ଫୁଟର ମୃତ କୁମ୍ଭୀର ଉଦ୍ଧାର

ରାଜନଗର,୧୮।୧୦
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ପାଙ୍ଗଶାଳା ନଦୀର ନୂଆଖୁଣ୍ଟା ନିକଟରେ ୭ଫୁଟ ଲମ୍ବର ମୃତ କୁମ୍ଭୀର ଉଦ୍ଧାର କରାଯାଇଛି। ଗାଁ ନିକଟରେ ମୃତ କୁମ୍ଭୀର ଭାସୁଥିବାର ଦେଖି ଗାଁ ଲୋକେ ବନବିଭାଗକୁ ଖବର ଦେଇଥିଲେ। ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇ, ଫରେଷ୍ଟଗାର୍ଡ ପ୍ରଦୋଷ ମହାପାତ୍ର ପହଁଚି ମୃତ କୁମ୍ଭୀରକୁ ଉଦ୍ଧାର କରିଥିଲେ। ମୃତ କୁମ୍ଭୀରର ଲାଞ୍ଜ ନ ଥିବା ବେଳେ ପେଟ ମଧ୍ୟ ଫାଟି ଯାଇଥିଲା। କୁମ୍ଭୀରଟି ସମ୍ପୂର୍ଣ୍ଣ ପଚି ଯାଇଥିଲା। କୁମ୍ଭୀରକୁ ଜରିରେ ଗୁଡାଇ ନେଇ ବ୍ୟବଚ୍ଛେଦ କରାଯିବା ପରେ ଡାଙ୍ଗମାଳରେ ପୋତି ଦିଆଯାଇଛି। କୁମ୍ଭୀରଟି ୮ରୁ୧୦ଦିନ ପୂର୍ବରୁ ମରିଥିବା ଅନୁମାନ କରାଯାଉଛି। କୁମ୍ଭୀରଟି ମାଈ କୁମ୍ଭୀର ହୋଇଥିବା ବେଳେ କେଉଁଠି ମଲା ତାହା ସ୍ପଷ୍ଟ ହୋଇନି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କୁମ୍ଭୀର ମୃତ୍ୟୁର କାରଣ ଜଣାପଡିବ ବୋଲି ବନବିଭାଗ ସୂତ୍ରରୁ କୁହାଯାଇଛି।

# ଜାତୀୟ କ୍ରୀଡ଼ାରେ ପ୍ରଦୀପ ଟେକ୍ନିକାଲ ଅଫିସିଆଲ



ପ୍ରଦୀପ କୁମାର ସାହୁ

ରସୁଲପୁର,୧୮।୧୦(ରଞ୍ଜିତ ରାଉତ):

ରସୁଲପୁର ବ୍ଲକର କ୍ରୀଡ଼ାବିତ୍ ପ୍ରଦୀପ କୁମାର ସାହୁ(ବବୁଲ) ଜାତୀୟ କ୍ରୀଡ଼ାରେ ଟେକ୍ନିକାଲ ଅଫିସିଆଲ ଭାବରେ ମନୋନୀତ ହୋଇଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ ପକ୍ଷରୁ ଗୋଆରେ ଆୟୋଜିତ ହେବାକୁ ଥିବା ୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ କବାଡ଼ି ଖେଳ ପରିଚାଳନାରେ ଟେକ୍ନିକାଲ ଅଫିସିଆଲ ଭାବରେ ଯୋଗଦେବା ପାଇଁ ଆମେଚର କବାଡି ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ସାହୁଙ୍କୁ ମନୋନୀତ କରାଯାଇଛି। ସେ ନଭେମ୍ବର ୪ରୁ ୮ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଯୋଗଦେବେ। ପ୍ରଦୀପ ବର୍ତ୍ତମାନ ଓଡ଼ିଶା ପୋଲିସରେ କାର୍ଯ୍ୟରତ। ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଅନୁମତି ମିଳିବା ପରେ ସେ କ୍ରୀଡ଼ା ଉତ୍ସବରେ ଯୋଗ ଦେବେ ବୋଲି ସୂଚନା ମିଳିଛି।

ବବୁଲ ଜଣେ ଜାତୀୟସ୍ତରର କବାଡି ଖେଳାଳି ଭାବରେ ଖ୍ୟାତି ଅର୍ଜନ କରିଥିଲେ। ଉଚ୍ଚକୋଟୀର ଖେଳ ପାଇଁ ତାଙ୍କୁ ପୋଲିସ ବିଭାଗରେ ଚାକିରି ମିଳିଥିଲା। ଖେଳରୁ ଅବସର ନେଇ ସେ କବାଡି ଖେଳ ପରିଚାଳକ ଭାବରେ କାର୍ଯ୍ୟ କରୁଛନ୍ତି। ଏକାଧିକ ଜାତୀୟସ୍ତରର କବାଡି ଟୁର୍ନାମେଣ୍ଟକୁ ପରିଚାଳନା କରିବା ଅନୁଭୂତି ସେ ହାସଲ କରିପାରିଛନ୍ତି। ଜାତୀୟ କ୍ରୀଡ଼ାରେ ଯୋଗଦେବା ପାଇଁ ୬୩୦ଜଣ ଆବେଦନ କରିଥିବା ବେଳେ ଏହା ମଧ୍ୟରୁ ୬୦ଜଣଙ୍କୁ ଚୟନ କରାଯାଇଛି। ଉକ୍ତ ତାଲିକାରେ ଯାଜପୁର ଜିଲାରୁ ପ୍ରଦୀପ ସାହୁ ଓ ଅନୁଗୋଳ ଜିଲାରୁ ପ୍ରକାଶ ଚନ୍ଦ୍ର ନାୟକ ସାମିଲ ଅଛନ୍ତି। ପ୍ରଦୀପ ନିଜ ସଫଳତାର ଶ୍ରେୟ ବିଭିନ୍ନ ଜିଲାର ଆରକ୍ଷୀ ଅଧୀକ୍ଷକଙ୍କୁ ଦେଇଛନ୍ତି। ସେ ବହୁ ଜାତୀୟସ୍ତରର କବାଡି ପ୍ରତିଯୋଗିତାରେ ପରିଚାଳକ ଭାବରେ ଯୋଗଦେଇ ଆସୁଛନ୍ତି । ଜିଲାର ଏସ୍‌ପିମାନଙ୍କ ସହଯୋଗ ଓ ଠିକ୍ ସମୟରେ ଛୁଟି ପ୍ରଦାନ ଯୋଗୁ ତାଙ୍କୁ ସଫଳତା ମିଳିପାରିଛି। ଜାତୀୟ କ୍ରୀଡା ପ୍ରତିଯୋଗିତାରେ ପରିଚାଳକ ଭାବରେ ମନୋନୀତ ହେବାର ଶ୍ରେୟ ସେ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ବନୀତ ଅଗ୍ରୱାଲଙ୍କୁ ପ୍ରଦାନ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିରଞ୍ଜୀବୀ



@ ପର୍ଶୁରାମ



@ ପ୍ରିନ୍ସ ଜ୍ୟୋତି



@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଘାଡ଼ି ନଈକୁ ନେଇ ଗୋଷ୍ଠୀ ସଂଘର୍ଷରେ ୮ ଆହତ

ଏରସମା,୧୮।୧୦ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତରେ ପ୍ରବାହିତ ବାଘାଡି ନଈକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବୁଧବାର ଭିନ୍ନ ମୋଡ ନେଇଛି। ଉଭୟପକ୍ଷ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିବାରୁ ୮ ଜଣ ମହିଳାପୁରୁଷ ଆହତ ହୋଇ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଥାନା ପକ୍ଷରୁ ଉଭୟପକ୍ଷରୁ ୧୨ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ଶୋଳ ଭାଇ କୈବର୍ତ୍ତ ମହାସଭା ପକ୍ଷରୁ ଅନୁମତି ନେଇ ଜିରାଇଲୋ ଗାଁର କୈବର୍ତ୍ତମାନେ ବାଘାଡି ନଈରୁ ମାଛ ମାରି ଜୀବିକା ନିର୍ବାହ କରି ଆସୁଥିଲେ। ମାତ୍ର କୌଣସି କାରଣରୁ ଏହି ବାଘାଡି ନଈକୁ କେନ୍ଦ୍ରକରି ଜିରାଇଲୋ ଗାଁର କେବର୍ତ୍ତ ଓ କୁଜଙ୍ଗ ଥାନା ଅଞ୍ଚଳର କେତେଜଣ କୈବର୍ତ୍ତଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ବୁଧବାର କୁଜଙ୍ଗ ଅଞ୍ଚଳର ୧୫ ଜଣରୁ ଊର୍ଦ୍ଧ୍ୱ ମହିଳାପୁରୁଷଙ୍କ ସହ ଜିରାଇଲୋ ଗ୍ରାମର ମହିଳାପୁରୁଷମାନଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଉଭୟପକ୍ଷରୁ ରମେଶ ସାମଲ, ଲକ୍ଷ୍ମୀ ପାଣି, ରାଜା ସାମଲ, ଅନ୍ନପୂର୍ଣ୍ଣା ପରିଡା, ପ୍ରମୋଦ ସେଠୀ, ଭରତ ସେଠୀ, ନିଧେଶ୍ୱର ଖଟୁଆ, ଦିଲୀପ ବେହେରା ଆହତ ହୋଇଛନ୍ତି। ଖବରପାଇ ଏରସମା ଥାନା ଅଧିକାରୀ ନିରଞ୍ଜନ ଦାସ ସଦଳବଳ ଘଟଣାସ୍ଥଳକୁ ଯାଇ ମାରପିଟ ରୋକିବା ସହ ଆହତମାନଙ୍କୁ ଚିକିତ୍ସା ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାର ବ୍ୟବସ୍ଥା କରିଥିଲେ। ଏହି ଘଟଣାକୁ ନେଇ ଉଭୟପକ୍ଷରୁ ଏରସମା ଥାନାରେ ଅଭିଯୋଗ କରାଯାଇଛି। ମାତ୍ର ରିପୋର୍ଟ ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ଆଇଆଇସି ଦାସଙ୍କୁ ପଚାରିବାରେ, ନଈକୁ ନେଇ କୁଜଙ୍ଗ ଅଞ୍ଚଳର ଗଣ୍ଡିପୁର, ବଗଦିଆ ଓ କାଳିଆପାଟ କୈବର୍ତ୍ତ ଓ ଜିରାଇଲୋ ଗାଁର କୈବର୍ତ୍ତଙ୍କ ମଧ୍ୟରେ ବିବାଦ ଲାଗିଥିଲା। ଅତୀତରେ ସେମାନେ ଥାନାର ଦ୍ୱାରସ୍ଥ ହେବା ପରେ ବିବାଦ ସମାଧାନ କରାଯାଇଥିଲା। ଏବେ ମାରପିଟ ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ସେ କହିଛନ୍ତି।

# ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ପାଇଁ କଂଗ୍ରେସର ଗଣବିକ୍ଷୋଭ

## କେନ୍ଦ୍ରାପଡ଼ା ୟୁପିଏଚ୍‌ସି

କେନ୍ଦ୍ରାପଡ଼ା, ୧୮।୧୦ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ଓ ସହରର ୟୁପିଏଚ୍‌ସିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦାବିରେ କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ବୁଧବାର ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ଓ ମଞ୍ଜୁରୀ ପରେ ମଧ ନିର୍ଦ୍ଦେଶନାମା ପାଳନ ହେଉ ନ ଥିବାରୁ ଶାସକ ଦଳର ସ୍ଥାନୀୟ ନେତାଙ୍କୁ ସମାଲୋଚନା ସହ ଜିଲା ପ୍ରଶାସନର ଅବହେଳା ବୋଲି ଦର୍ଶାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଗଣବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ ନେତା ପ୍ରଫୁଲ ଦାସ, ଛାତ୍ର ନେତା ପରଭେଜ ଅଖତର, ପ୍ରଦ୍ୟୁମ୍ନ ଜେନା, ରତିକାନ୍ତ ସାମଲ, ରାଜେଶ ମହାନ୍ତି, ଜିଲା ମହିଳା ସଭାନେତ୍ରୀ ଜିନତ ପ୍ରିୟଦର୍ଶନୀ ରାଉତ ପ୍ରମୁଖ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ ଯେ, ସହରବାସୀଙ୍କୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ୟୁପିଏଚ୍‌ସିକୁ କାର୍ଯ୍ୟକ୍ଷମ କରାଯିବ ବୋଲି ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ଏପରିକି ଏ ସମ୍ପର୍କରେ ୨ମାସ ହେବ ଏକ ନିର୍ଦ୍ଦେଶନାମା ଆସିଛି। ଏହା ସତ୍ତ୍ୱେ ସହରବାସୀ ନିରନ୍ତର ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ମେଡିକାଲ କଲେଜ ଆନ୍ଦୋଳନ ଚାଲୁରହିଛି। ତୁରନ୍ତ ସ୍ୱାସ୍ଥ୍ୟସେବା ନ ଯୋଗାଇଲେ ଆସନ୍ତା ସାଧାରଣ ନିର୍ବାଚନରେ ଜିଲାବାସୀ ଏହାର ଫଳାଫଳ ଦେଖାଇବେ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଗଣବିକ୍ଷୋଭର ରାଲି କଜଳାସ୍ଥିତ କଂଗ୍ରେସ ଭବନରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। ହଜାରରୁ ଊର୍ଦ୍ଧ୍ୱ ସହରବାସୀ ଏଥିରେ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ବାହାରିଥିବା କଂଗ୍ରେସ ନେତା ଓ କର୍ମୀ।

## ସଂକ୍ଷେପରେ

### ମା'କାଉଁରୀଙ୍କ ଭୁବନେଶ୍ୱରୀ ବେଶ



ନୟାଗଡ଼,୧୮।୧୦(ଲୋକନାଥ ମିଶ୍ର)

ପାର୍ବଣ ଅବକାଶରେ ନୟାଗଡ଼ ବ୍ଲକର ଗୋବିନ୍ଦପୁରସ୍ଥ ମା'କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ପର୍ବ ଚାଲୁ ରହିଛି। ମା'କାଉଁରୀ ୪ର୍ଥ ଦିବସରେ ପିତଳ ଭୁବନେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି । ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମୁଛି। ବୁଧବାର ଭୋର ସମୟରେ ମାଜଣା, ସୂର୍ଯ୍ୟପୂଜା, ଚଣ୍ଡୀପାଠ କରାଯାଇ ଭୋଗ ଲାଗି ହୋଇଥିଲା । ପୂର୍ବାହ୍ନ ସାଢ଼େ ୧୦ଟାରେ ଅନ୍ନଭୋଗ ଓ ଅପରାହ୍ନ ୪ଟାରେ ଜାଲେରୀ ଭୋଗ, ସନ୍ଧ୍ୟା ୬ଟାରେ ଟେରାଭୋଗ, ୮ଟାରେ ନୀତି ଭୋଗ, ରାତିରେ ଶଙ୍ଖୁଡି ଭୋଗ ପରେ ପହୁଡ଼ ପଡିଥିଲା।

### କୋଟଗଡ଼ ଘାଟିରେ ଦୁର୍ଘଟଣା: ଜଣେ ମୃତ,୩ ଗୁରୁତର

ରଣପୁର,୧୮।୧୦
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅଧୀନ କୋଟଗଡ଼ ଘାଟିରେ ମଙ୍ଗଳବାର ରାତିରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ରୁଡ଼ା ଗ୍ରାମର ରମାକାନ୍ତ ସ୍ୱାଇଁ (୨୩) । ଆହତମାନେ ହେଲେ ବେଗୁନିଆ ଥାନା ହୀରାପୁର ଗ୍ରାମର ଆଶିଷ ନାୟକ(୨୪), ସନାତନ ନାୟକ(୩୦) ଓ ଅନିଲ ନାୟକ (୩୨) । ସମସ୍ତଙ୍କୁ ସୁନାଖଳା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ରମାକାନ୍ତ ବନ୍ଧୁ ଘର ଗୋପାଳପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରୁ ନିଜ ଗ୍ରାମ ରୁଡ଼ା ଅଭିମୁଖେ ଏକ ବାଇକ୍(ନଂ.ଓଡି ୦୨ଜି ୮୨୧୯)ରେ ଫେରୁଥିଲେ । ସୁନାଖଳା ଦିଗରୁ ରଣପୁର ଅଭିମୁଖେ ଅନ୍ୟ ଏକ ବାଇକ୍(ନଂ.ଓଆର୦୨ଏବି ୬୮)ରେ ୩ ଜଣ ଯୁବକ କୁଳସର ଗ୍ରାମ ଅଭିମୁଖେ ଯାଉଥିଲେ । କୋଟଗଡ଼ ଘାଟିଠାରେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ୪ ଯୁବକ ରାସ୍ତା ଉପରେ ଛିଟିକି ପଡିଥିଲେ । ଘଟଣାସ୍ଥଳରେ ରମାକାନ୍ତଙ୍କୁ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରମାନଙ୍କୁ ଏକ ଅଟୋରିକ୍ସାରେ ନିକଟସ୍ଥ ସୁନାଖଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ଖବର ପାଇ ସୁନାଖଳା ଫାଣ୍ଡି ଅଧିକାରୀ ପ୍ରୀତି ପ୍ରକାଶ ମହାନ୍ତି ପହଞ୍ଚି ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ୨ଟିକୁ ଜବତ କରିଛନ୍ତି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୪୦/୨୩) ରୁଜୁହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରଣପୁର ପଠାଯାଇଛି।

# ଶବ୍ଦ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ ଦେଉ ପ୍ରଶାସନ

ଖଣ୍ଡପଡ଼ା,୧୮।୧୦
(ଅଜୟ କୁମାର ମହାରଣା)

### ଆଗକୁ ଆସୁଛି ପୂଜା, ଭସାଣି ଉତ୍ସବ



ଶବ୍ଦ ପ୍ରଦୂଷଣ ରୋକିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଆଇନ ପ୍ରଣୟନ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପର୍ବ ପର୍ବାଣୀରେ ଡ଼ିଜେ ସାଉଣ୍ଡ ଉପରେ କଟକଣା ଜାରି କରାଯାଇଛି । ଡ଼ିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ଘୋଷଣା କରାଯାଇଛି । ଏ ସମ୍ପର୍କୀତ ବିଜ୍ଞପ୍ତି ପ୍ରକାଶ ହୋଇଛି । ବିଶେଷ କରି ପୂଜା ପାର୍ବଣରେ ଡ଼ିଜେ, ଟାଙ୍ଗୁ ବାଜା ନ ବଜାଇବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟପକ୍ଷେ ରାତ୍ର ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ମାଇକ ବଜାଇବା ଉପରେ କଟକଣା ଲାଗୁ କରାଯାଇଛି । ହେଲେ ଚଳିତ ବର୍ଷ ଗଣେଶ ପୂଜା ଓ ଖୁଦୁରୁକୁଣୀ ଭସାଣିରେ ଡ଼ିଜେ ସହିତ ଟାଙ୍ଗୁ ବାଜିଥିଲା । ପୋଲିସ ଉପସ୍ଥିତରେ ଶୋଭଯାତ୍ରାକାରୀମାନେ ଡ଼ିଜେ ବଜାଇ ନାଚିଥିଲେ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଶାସନ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଫଳରେ ଶବ୍ଦ ପ୍ରଦୂଷଣ ଆଇନ କେବଳ କାଗଜ କଲମରେ ସୀମିତ ରହୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଗତ ଗଣେଶ ପୂଜା ଭସାଣୀରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ପ୍ରାୟ ସମସ୍ତ ଅଞ୍ଚଳରେ ଡ଼ିଜେ ବାଜିଥିଲା । ଫଳରେ ଶବ୍ଦ ପ୍ରଦୂଷଣ ସୃଷ୍ଟି ହୋଇଥିଲା । ଶୋଭାଯାତ୍ରା ସାହି ଦେଇ ଯାଉଥିବା ବେଳେଘର ଥରି ଉଠିଥିଲା । କାନଫଟା ଶବ୍ଦରେ ଲୋକେ ଅତିଷ୍ଠ ହୋଇଥିଲେ । ରୋଗୀ, ଶିଶୁ ଓ ଗର୍ଭବତୀମାନେ ଏହି ଶବ୍ଦକୁ ସହ୍ୟ କରି ପାରି ନ ଥିଲେ । ପଶୁ,ପକ୍ଷୀମାନେ ଏପରି ଶବ୍ଦରେ ଅତିଷ୍ଠ ହୋଇଥିଲେ । ତଥାପି କେହି ପ୍ରତିବାଦ କରିବାକୁ ସାହାସ କରି ନ ଥିଲେ । ଆସନ୍ତା ୨୪ରୁ ଆରମ୍ଭ ହେବ ଦଶହରା । ଏହି ସମୟରେ ଶବ୍ଦ ପ୍ରଦୂଷଣ ନିୟମକୁ କାଗଜ କଲମରେ ସୀମିତ ନ ରଖି ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

ଏହି ପରିପ୍ରେକ୍ଷୀରେ ଏକ ସଚେତନତା କାର୍ଯ୍ୟକ୍ରମ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ଏକାଠି କରାଯାଇ ଶବ୍ଦ ପ୍ରଦୂଷଣ ରୋକିବାକୁ ପରାମର୍ଶ ଦିଆଯାଇଥିଲା । ଶବ୍ଦ ପ୍ରଦୂଷଣ ରୋକିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଇଥିଲା । ବିଶେଷକରି କୋର୍ଟ କଚେରୀ, ଡାକ୍ତରଖାନା, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଆଦି ଶାନ୍ତିପୂର୍ଣ୍ଣ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ପ୍ରତି ସମସ୍ତେ ସଚେତନ ରହିବା ଉଚିତ ବୋଲି ନିୟମ ରହିଛି । କେନ୍ଦ୍ର ସରକାର ଶବ୍ଦ ପ୍ରଦୂଷଣ ନିୟମ-୨୦୧୦ ନିୟମକୁ ଆଧାରକରି ପ୍ରଦୂଷଣକୁ ରୋକିବା ଲକ୍ଷ୍ୟରେ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ଶବ୍ଦ ପ୍ରଦୂଷଣ କରିପାରିବେ ନାହିଁ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ଚଳିତ ପୂଜା ପାର୍ବଣ ସମୟରେ ଏହି ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣାଧୀନ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଡ଼ିଜେ, ଡ଼ାକବାଜି ଯନ୍ତ୍ର ବ୍ୟବହାର କରିବା ପୂର୍ବରୁ ଉପଜିଲାପାଳଙ୍କଠାରୁ ଅନୁମତି ନେବା ଜରୁରୀ ଏବଂ ଯାହା ନୀତିନିୟମ ରହିଛି ତାହାକୁ ଆଧାର କରି ଡ଼ାକବାଜି ଯନ୍ତ୍ର ବ୍ୟବହାର କରି ପାରିବେ ବୋଲି ବ୍ୟବସ୍ଥା ରହିଛି । ଅନ୍ୟଥା ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ ବୋଲି ଖଣ୍ଡପଡ଼ା ଥାନା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ କହିଛନ୍ତି। ଶବ୍ଦ ପ୍ରଦୂଷଣ ଆଇନକୁ ଉଲ୍ଲଂଘନ କରୁଥାଏ ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସକୁ ସୂଚନା ଦେଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏହାଛଡା ଆଗାମୀ ଦଶହରା ଉତ୍ସବ ପୂର୍ବରୁ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ଡକାଇ ଏସମ୍ପର୍କରେ ଅବଗତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ବିଶ୍ୱଶାନ୍ତି ସୁବର୍ଣ୍ଣ ଜୟନ୍ତୀ ବୈଦିକ ମହାଯଜ୍ଞ ଉଦ୍‌ଘାଟିତ



କଳସ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁ ।

ଖଣ୍ଡପଡ଼ା,୧୮।୧୦(ଅଜୟ କୁମାର ମହାରଣା)

### ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ସାମିଲ

କଣ୍ଟିଲୋ ପାଣ୍ଡୁସାହୁ ପାଟଣା ଆର୍ଯ୍ୟସମାଜ ପକ୍ଷରୁ ଦୀର୍ଘ ବର୍ଷ ହେଲା ଅନୁଷ୍ଠିତ ହୋଇ ଆସୁଥିବା ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞ ବୁଧବାର ୫୦ବର୍ଷରେ ପଦାର୍ପଣ କରିଛି । ଏଥିପାଇଁ ଗ୍ରାମବାସୀ ଚଳିତ ବର୍ଷ ଏହି ମହାଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛନ୍ତି । ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଗଙ୍ଗା ମନ୍ଦିର ମହାନଦୀ ଘାଟରୁ ଜଳଭାର ନେଇ ଗ୍ରାମ ପରିକ୍ରମା କରି ପାଣ୍ଡୁସାହୁ ପାଟଣା ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ ।

ସନ୍ଧ୍ୟା ଉପାସନା ପରେ ଅନୁଷ୍ଠାନର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଆଚାର୍ଯ୍ୟ ଧର୍ମରାଜ, ପୂର୍ବତନ ଏମ୍‌ପି ଡ. ପ୍ରଶନ୍ନ କୁମାର ପାଟଶାଣୀ ଓ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅତିଥିମାନେ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞର ଏକ ସ୍ମରଣୀକା 'ସୃଜନୀ' ଉନ୍ମୋଚନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବନମାଳୀ ସାହୁ ବିଗତ ବର୍ଷର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ୱରୂପ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ରବି ମହାପାତ୍ର ଓ ସାଥୀଙ୍କ ଦ୍ୱାରା ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଗୁରୁବାର ପୂର୍ବାହ୍ନରେ ନଗର କୀର୍ତ୍ତନ, ଓମ୍ ଧ୍ୱଜା ଉତ୍ତୋଳନ ପରେ ଗୋସେବା ଓ ଯଜ୍ଞ ଆରମ୍ଭ ହେବ । ଏଥିସହିତ ସମୁହ ବ୍ରତୋପନୟନ ପରେ ସନ୍ଧ୍ୟାରେ କୁନି ପ୍ରବଚକ କେଶବ ଦାସ ଦୁତୀକୃଷ୍ଣଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

### ମାଙ୍କଡ଼,ବାର୍‌ହାଙ୍କ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ

ଖଣ୍ଡପଡ଼ା,୧୮।୧୦
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ାରେ ଦିନରେ ମାଙ୍କଡ ଓ ରାତିରେ ବାର୍‌ହାଙ୍କ ଉପଦ୍ରବ ଯୋଗୁ ପନିପରିବା, ଆଖୁ, ଧାନଫସଲ ଓ ରବିଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସଞ୍ଜ ନଇଁଲେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ପଲପଲ ବାର୍‌ହା ଚାଷଜମିକୁ ଚାଲିଆସି ଫସଲ ନଷ୍ଟ କରୁଛନ୍ତି । ବିଶେଷ କରି ବାଣପୁର ପଞ୍ଚାୟତ ବାରଖୋଲା ଜଙ୍ଗଲରୁ, ଧାନଚେଙ୍ଗଡା ପଞ୍ଚାୟତ ନିକଟସ୍ଥ ଗୋସିଙ୍ଗ ଜଙ୍ଗଲରୁ ଓ ଏହାର ଆଖାପଖ ଅଞ୍ଚଳରେ ଥିବା ଗ୍ରାମ ଜଙ୍ଗଲରୁ ରାତିହେଲେ ବାରହାମାନେ ଦଳଦଳ ହୋଇ ସାରୁ ଫସଲ, ମାଣ୍ଡିଆ, ମକା, ବାଇଗଣ ଆଦି ଫସଲକୁ ଖାଇବା ସହ ନଷ୍ଟ କରୁଛନ୍ତି । ଚଳିତ ବର୍ଷ ଅନିୟମିତ ବର୍ଷା ସାଙ୍ଗକୁ ଲଘୁଚାପ ଜନିତ ଲଗାଣବର୍ଷାରେ ପନିପରିବା ଓ ଧାନଫସଲ ଉଜୁଡି ଯାଇଛି । ଏବେ ବାର୍‌ହା ଓ ମାଙ୍କଡଙ୍କ ଦୌରାତ୍ମ୍ୟ ଖଣ୍ଡପଡା ବ୍ଲକ ଅଞ୍ଚଳ ଚୈତନ୍ୟପୁର, କୁମୁଣ୍ଡି, ବାଣପୁର, ଘଣାଶାଳିଆ ଆଦି ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ମାଙ୍କଡ ଓ ବାର୍‌ହାଙ୍କ ଦାଉରୁ ରକ୍ଷା ପାଇବା ନିମନ୍ତେ ବ୍ଲକ ଅଞ୍ଚଳର ଚାଷୀମାନେ ଖଣ୍ଡପଡ଼ା ବନବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

# ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

ଭାପୁର,୧୮।୧୦ (ଭରତ କୁମାର ବେହେରା)

### କେନ୍ଦୁପଲ୍ଲୀ ପଞ୍ଚାୟତରେ ସରକାରୀ ଅର୍ଥ ଆତ୍ମସାତ୍ ଘଟଣା
### ଆନ୍ଦୋଳନକୁ ଓହ୍ଲାଇବେ ପଞ୍ଚାୟତବାସୀ

ନୟାଗଡ଼ ଜିଲା ଭାପୁର ବ୍ଲକରେ ଫଲ୍‌ସ ବିଲ କରି ବହୁ କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାର କିଛିଦିନ ପରେ ଉକ୍ତ ବ୍ଲକ୍ ଅଧୀନ କେନ୍ଦୁପଲ୍ଲୀ ପଞ୍ଚାୟତରେ ସରକାରୀ ଯୋଜନା ଅର୍ଥ ଆତ୍ମସାତ ହୋଇଥିବା ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଏହାପରେ ପ୍ରଶାସନ ତରଫରୁ ତଦନ୍ତ କରାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପ୍ରଶାସନର ସ୍ଥାଣୁତା ନେଇ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପଞ୍ଚାୟତବାସୀ ସଜବାଜ ହେଉଥିବା ସୂଚନା ମିଳିଛି ।

ପୂର୍ବତନ ଜିଲାପରିଷଦ ସଭ୍ୟ ସୁଦର୍ଶନ ବେହେରାଙ୍କ ସମେତ ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦୁପଲ୍ଲୀ ପଞ୍ଚାୟତରେ ୨୦୧୮-୧୯ରୁ୨୦୨୦-୨୧ ମଧ୍ୟରେ ବିଭିନ୍ନ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି । ବିଶେଷ କରି ମାରଡା ଗ୍ରାମରେ ପ୍ରକଳ୍ପ ନ କରାଯାଇ ଟଙ୍କା ଆତ୍ମସାତ୍ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ସୂଚନା ମିଳିଛି। ସେଥିମଧ୍ୟରୁ ତଳକଟା ପୋଖରୀ କାମ ନ ହୋଇ ଫଲସ୍ ବିଲ ହୋଇଛି, ବାଲୁଙ୍କେଶ୍ୱର ରାସ୍ତାଠାରୁ କେନ୍ଦୁପଲ୍ଲୀ ହରିଜନ ରାସ୍ତା ନ କରି ଫଲ୍‌ସ ବିଲ, ଖେଳ ପଡ଼ିଆ ନ କରି ବିଲ, ମାରଡ଼ା ଭଟ୍ଟାରିକାଠାରୁ ବନଦୁର୍ଗା ରାସ୍ତା ଆଦୌ ନ କରି ଫଲ୍‌ସ ବିଲ ହୋଇଛି। ସେହିପରି ଆଗରୁ ଜଣେ ଆଦିବାସୀ ମହିଳା ସରପଞ୍ଚ ଥିବା ବେଳେ ତାଙ୍କୁ ହାତ କରି ଏମ୍‌ବିକେ,ସିଆର୍‌ପି ନିୟୋଜିତ କରାଯାଇଛି। ମିଶନ ଶକ୍ତି ଗୃହ ନିମନ୍ତେ ୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ହେଲେ ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଛି। କୋଭିଡ୍ ସମୟରେ ଯେଉଁ ପ୍ରବାସୀ ଶ୍ରମିକମାନେ ପଞ୍ଚାୟତକୁ ଆସିଲେ ସେମାନଙ୍କ ପାଇଁ ଆସିଥିବା ଅର୍ଥରେ ଆସବାବପତ୍ର କିଣାଗଲା ସେ ସବୁ ବର୍ତ୍ତମାନ କୁଆଡେ ଉଭାନ ହୋଇଯାଇଛି। ଏନେଇ ପଞ୍ଚାୟତରେ ଅନେକ କୋଟି ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଭାପୁର ବ୍ଲକ ପ୍ରଶାସନ ଓ ନୟାଗଡ଼ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲା। ଜିଲା ପ୍ରଶାସନ ପକ୍ଷରୁ ୬ମାସ ତଳେ ଏହି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଥିଲା। ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ନେତୃତ୍ୱରେ ଜିଲା ପଞ୍ଚାୟତ ଅଧିକାରୀ ମଧୁସୂଦନ ମହାରଣା, ସହକାରୀ ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଗାୟତ୍ରୀ ଖଟୁଆ, ଜିଆର୍‌ଏସ୍ ସଙ୍ଗୀତା ଦଳେଇ, ପିଇଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତନାଘନା କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ପ୍ରଶାସନ ତରଫରୁ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସବୁ ତଦନ୍ତ ରିପୋର୍ଟ ଫାଇଲ ତଳେ ଚାପି ରଖାଯାଇଛି । ଏନେଇ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀ ,ନୟାଗଡ଼ ଜିଲାପାଳଙ୍କ ସହ ଦୁର୍ନୀତି ନିବାରଣ ସଂସ୍ଥା ଭୁବନେଶ୍ୱରକୁ ଅବଗତ କରାଯାଇଛି । ଏହାପରେ ବି ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ସେମାନେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ସୂଚନା ଦେଇଛନ୍ତି।



୬ମାସ ତଳେ ପ୍ରଶାସନିକ ଅଧିକାରୀମାନେ ତଦନ୍ତ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିରଞ୍ଜୀବୀ



@ ପର୍ଶୁରାମ



@ ପ୍ରିନ୍ସ ଜ୍ୟୋତି



@ ସତ୍ୟବ୍ରତ



@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

ନୟାଗଡ଼,୧୮।୧୦(ଲୋକନାଥ ମିଶ୍ର)

ନୟାଗଡ ଜିଲା ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ନୂଆଗାଁ ଥାନା ଅଞ୍ଚଳର ବଳତ୍କାର ଘଟଣାର ରାୟ ପ୍ରକାଶ ପାଇଛି । ସାକ୍ଷ, ପ୍ରମାଣ, ସରକାରୀ ଓ ପ୍ରତିପକ୍ଷ ଓକିଲଙ୍କ ଜବାବ ସୁଆଲକୁ ଭିତ୍ତି କରି ଅତିରିକ୍ତ ଜିଲା ଓ ଦୌରାଜଜ ଲିଲି ସେନାପତି ଅଭିଯୁକ୍ତ ଲୁଣିସରା ଗାଁର ରାଜ କିଶୋର ସେଠୀ(୨୬)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅନ୍ୟପକ୍ଷେ ୫ ହଜାର ଜରିମାନା କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ ୨୦୨୨ରେ ଫେବୃୟାରୀ ୨୩ରେ ପୀଡ଼ିତାଙ୍କୁ ଏକୁଟିଆ ପାଇ ଅଭିଯୁକ୍ତ ନିଜ ଘରେ ବଳତ୍କାର କରିଥିଲେ । ପୀଡ଼ିତାଙ୍କୁ ଧମକ ଚମକ ଦେଇ ଘଟଣା ସମ୍ପର୍କରେ କାହାରିକୁ ନ କହିବାକୁ ଚେତାବନୀ ଦେଇଥିଲେ । ଏନେଇ ପୀଡ଼ିତା ଘରେ କହିବା ପରେ ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ପୋଲିସ ୪୦/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଅଭିଯୁକ୍ତ ରାଜ କିଶୋର ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ରାଜ କିଶୋର ଜେଲ ଯାଇଥିଲେ । ପରେ ହାଇକୋର୍ଟରୁ ଜାମିନ ପାଇଥିଲେ । ବୁଧବାର କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି । ସରକାରଙ୍କ ପକ୍ଷରୁ ଆଇନଜିବୀ ଅମୀୟ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

